ସକାଳ THE SAKALA



ଯୁବ ପ୍ରତିଭା

# ଅନନ୍ୟ ବାଦ୍ୟକାର ଆୟୁଷ୍ମାନ୍

**ବଲାଙ୍ଗିର, ୨୫।୪(ସମିସ)**

ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଥିଲେ ଦୁନିଆର କୌଣସି ବି ପ୍ରତିବନ୍ଧକ ବାଟ ରୋକିପାରିବ ନାହିଁ। ଏଭଳି ଅନେକ ଉଦାହରଣ ପୂର୍ବରୁ ବଲାଙ୍ଗିର ଜିଲ୍ଲାରେ ଦେଖିବାକୁ ମିଳିଛି। ତେବେ ଏଥିରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇଛି। ବଲାଙ୍ଗିରର ୧୭ ବର୍ଷୀୟ ଆୟୁଷ୍ମାନ ତ୍ରିପାଠୀଙ୍କ କାହାଣୀ। ସେ ଜନ୍ମରୁ ଦୃଷ୍ଟିହୀନ ହୋଇଥିଲେ ମଧ୍ୟ ତାଙ୍କର ବହୁମୁଖୀ ପ୍ରତିଭା ସମସ୍ତଙ୍କୁ ଚକିତ କରିଛି। ଏକ ଧାରାରେ ସେ ସବୁ ପ୍ରକାରର ବାଦ୍ୟଯନ୍ତ୍ର ବଜାଇବାରେ ସିଦ୍ଧହସ୍ତ। ମୃଦଙ୍ଗ, ଢୋଲ, ହାରମୋନିୟମ ଓ କେସିଓ ସମସ୍ତ ବାଦ୍ୟଯନ୍ତ୍ର ବଜାଇ ନିଜ ସଙ୍ଗୀତରେ ଲୋକଙ୍କୁ ମନମୁଗ୍ଧ କରୁଛନ୍ତି। ସହରର ବରପାଲିପଡ଼ା ବାସିନ୍ଦା ହେଉଛନ୍ତି ଆୟୁଷ୍ମାନ ତ୍ରିପାଠୀ। ଜନ୍ମରୁ ସେ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ଅଟନ୍ତି। ହେଲେ ଏହି ଶାରିରୀକ ଅକ୍ଷମତା ତାଙ୍କ ପାଇଁ ସାଜିପାରି ନାହିଁ ପ୍ରତିବନ୍ଧକ। ଦଇବ ତାଙ୍କୁ ଆଖି ଦୁଇଟି ଦେଇ ନାହାନ୍ତି ସତ କିନ୍ତୁ ତାଙ୍କୁ ଅପାର ଗୁଣର ଅଧିକାରୀ ଭାବେ ଗଢ଼ିଛି। ଆଧୁନିକ ହେଉ ଅବା ପାରମ୍ପରିକ ବାଦ୍ୟଯନ୍ତ୍ର ତାହାକୁ ବଜାଇବାରେ ଉସ୍ତାଦ ଆୟୁଷ୍ମାନ। ମାତ୍ର ୪ ବର୍ଷ ବୟସରେ ଆୟୁଷ୍ମାନ ସଙ୍ଗୀତ ପ୍ରତି ରୁଚି ଦେଖାଇଥିଲେ। ସେହି ଦିନ ଠାରୁ କେବଳ ଶୁଣି ଶୁଣି ବିନା ଗୁରୁଙ୍କ ସହାୟତାରେ ସେ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇବା ଶିଖିଛନ୍ତି। ସେ ଛୋଟ ଥିବାବେଳେ ଘର ଲୋକ ଏକ ଧାର୍ମିକ କାର୍ଯ୍ୟକ୍ରମରେ ବୃନ୍ଦାବନ ଯାଇଥିଲେ। ସେହି ସମୟରେ ଆୟୁଷ୍ମାନ ସେଠିକାର ମୃଦଙ୍ଗ ଓ ଭଜନ ସଙ୍ଗୀତରେ ବିମୋହିତ ହୋଇଥିଲେ। ପରେ ସେ ତାଙ୍କ ପିତାଙ୍କ ଆଗରେ ଜିଦ କରି ଏକ ମୃଦଙ୍ଗ ପାଇଥିଲେ। ସମୟ ଆଗକୁ ବଢ଼ିବା ସହ ବିନା ଗୁରୁରେ ସେହି ମୃଦଙ୍ଗରେ ସେ ପାରଙ୍ଗମ ହୋଇଥିଲେ। ଏହା ପରେ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ଯେପରିକି ତବଲା, ଢୋଲ, ହାରମୋନିଅମ ସହ ଆଧୁନିକ ବୈଦ୍ୟୁତିକ ବାଜା କେସିଓ ବଜାଇବା ଆରମ୍ଭ କରିଥିବା ପରିବାର ଲୋକ କହିଛନ୍ତି। ଆୟୁଷ୍ମାନ ସଙ୍ଗୀତକୁ ବେଶ୍ ଭଲ ପାଆନ୍ତି। ଜଣେ ସଙ୍ଗୀତ କଳାକାର ହେବାର ଲକ୍ଷ୍ୟ ତାଙ୍କୁ ଆଜି ସଫଳତା ଆଣିଦେଇଛି। ସେ ଏଥିପାଇଁ ଦିନ ରାତି ଏକ କରିବା ସହ ସବୁ ଧାର୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇ ତାଙ୍କର ଏହି କଳା ପ୍ରଦର୍ଶନ କରିଥାନ୍ତି। ଛୋଟବଡ଼ ଗାଁଦାଣ୍ଡରେ ନାଟକ ହେଉ କିମ୍ବା ବଡ଼ ଧରଣର ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ ସମସ୍ତ କାର୍ଯ୍ୟକ୍ରମରେ ନିଜର କଳା ପ୍ରଦର୍ଶନ କରି ସେ ପ୍ରଶଂସା ଗୋଟାଇଛନ୍ତି। ତେବେ ସେ କହିଛନ୍ତି, ସଙ୍ଗୀତ ହିଁ ମୋର ଜୀବନ ଓ ମୋ ପାଇଁ ଯାହା ସମ୍ଭବ ପ୍ରଚେଷ୍ଟା କରି ଆଗକୁ ଜଣେ ସଙ୍ଗୀତଜ୍ଞ ଭାବେ ରାଜ୍ୟ ପାଇଁ ସୁନାମ ଅର୍ଜନ କରିବି ବୋଲି ଲକ୍ଷ୍ୟ ରଖିଛନ୍ତି। ସେପଟେ ତାଙ୍କ ବାପା ମଙ୍ଗଳୁ ଚରଣ ତ୍ରିପାଠୀ ପୁଅର ସଫଳତା ଦେଖି ଖୁସିବ୍ୟକ୍ତ କରିଛନ୍ତି। ବଲାଙ୍ଗିରର ଡା. ରୁଦ୍ର ନାରାୟଣ ପଟେଲ, ନାଟ୍ୟଗୁରୁ ବାଳମୁକୁନ୍ଦ ଓ ସଙ୍ଗୀତଜ୍ଞ ମୁରଲିଧର ପତି ପ୍ରମୁଖ ତାଙ୍କୁ ଦିଗଦର୍ଶନ ଦେବା ସହ ଆୟୁଷ୍ମାନଙ୍କୁ ସାହାଯ୍ୟ କରୁଥିବାର ସେ କହିଛନ୍ତି। ତେବେ ଆଗକୁ ତାଙ୍କ ପୁଅ ସଙ୍ଗୀତକୁ ହିଁ ପାଥେୟ କରି ଭବିଷ୍ୟତ ଗଢ଼ୁ ବୋଲି ତାଙ୍କ ପିତା ମତ ରଖିଛନ୍ତି।

କିଏ କ୍ରୀଡ଼ା ତ ଆଉ କିଏ କଳା ଏମିତି ବିଭିନ୍ନ କ୍ଷେତ୍ରରେ ଯୁବାବସ୍ଥାରୁ ସେମାନଙ୍କ ପାଖରେ ରହିଥିବା ଅର୍ନ୍ତଃନିହିତ ଗୁଣ ଦେଖିବାକୁ ମିଳିଥାଏ। କିନ୍ତୁ ସୁଯୋଗ ଅଭାବରୁ ସେହିଭଳି କୁଶଳୀ ଯୁବକଯୁବତୀମାନେ ଲୋକଲୋଚନକୁ ଆସିପାରି ନ ଥାନ୍ତି। ସେହିଭଳି ଲୁଚି ଯାଉଥିବା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଆମର ଏହି ପ୍ରୟାସ 'ଯୁବ ପ୍ରତିଭା'।




## ଦୃଷ୍ଟିବାଧିତ ସତ୍ତ୍ୱେ ବଜାଇ ପାରନ୍ତି ବିଭିନ୍ନ ବାଦ୍ୟଯନ୍ତ୍ର

## ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ



**ସଇଁତଲା, ୨୫।୪(ସମିସ):** ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳକୁ କିଭଳି ଭାବରେ ମଜଭୁତ କରିବେ ଏବଂ ଘରେ ଘରେ ଶଙ୍ଖ ହେବ ବୋଲି ସଂକଳ୍ପ ନେଇଥିଲେ। ଅନ୍ୟପଟେ ବଲାଙ୍ଗିର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ଓ ବିଧାୟିକା ପାର୍ଥୀ ଟୁକୁନୀ ସାହୁଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଭୋଟ ଦେଇ ନିର୍ବାଚିତ କରି ବିଜୟୀ ଲାଭ କରିବା ପାଇଁ ଆଜିର ଏହି ମିଶ୍ରଣ ପର୍ବରେ ଦଳରେ ସାମିଲ ହୋଇଥିବା ଉଭୟ ପଞ୍ଚାୟତର ଲୋକେ ମତ ଦେଇଥିଲେ। ଅଞ୍ଚଳର ବିକାଶ ହୋଇଛି ଏବଂ ସଇଁତଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନଏସିସିର ମାନ୍ୟତା ଦେଇଛନ୍ତି ବୋଲି ଟିଟିଲାଗଡ଼ ବିଧାୟିକା ପ୍ରାର୍ଥୀନୀ ଟୁକୁନୀ ସାହୁ କହିଛନ୍ତି। ଅନେକ ଗାଁକୁ ରାସ୍ତା, ପିଇବା ପାଣିର ସୁବିଧା କରାଯାଇଛି। ଆଗକୁ ଆହୁରି ମଧ୍ୟ ଅନେକ ବିକାଶମୂଳକ କାମ ରହିଛି ତାକୁ ମଧ୍ୟ ନିଶ୍ଚିତ ଭାବରେ କରାଯିବ ବୋଲି ଶ୍ରୀମତି ସାହୁ କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପାଇଁ ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଛି ଏବଂ ମୁଁ କୌଣସି ବାଣିଜ୍ୟ ବେପାର କରିବା ପାଇଁ ନିର୍ବାଚନକୁ ଆସିନାହିଁ। ଲୋକଙ୍କ ପାଇଁ, ଲୋକଙ୍କ ସେବା କରିବା ପାଇଁ ମୁଁ ସବୁବେଳେ ରହିଛି ଏବଂ ରହିବି ବୋଲି ନିଜ ଅଭିଭାଷଣରେ ଶ୍ରୀମତି ସାହୁ ମତପ୍ରକାଶ କରିଛନ୍ତି। ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନମୁଖୀ କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଶ୍ରୀମତି ସାହୁ, ମୁକେଶ ଜୈନ, ସଇଁତଲା ବ୍ଲକର ଦାୟିତ୍ୱରେ ପର୍ଯ୍ୟବେକ୍ଷକ ଲୋଟସ ଷଡ଼ଙ୍ଗୀ, ଶୋଭନ ସିଂଭୋଇ, ସିମ୍ରନ ସିଂଭୋଇ, ଜିଲ୍ଲା ପରିଷଦ ଜୋନ୍ ୩୦ର ସଦସ୍ୟ ହିମାଚଳ ବୁଡ଼େକ, ବ୍ଲକ ସଭାପତି ଟୁନୁ ରାଜପାଲିଆ, ସଇଁତଲା ପଞ୍ଚାୟତର ସରପଞ୍ଚ ସୁବ୍ରତ ନାଗ, ଜୁରାବନ୍ଧ ପଞ୍ଚାୟତରୁ ୪୦୦ରୁ ଉର୍ଦ୍ଧ୍ୱ ଓ ଟିକ୍ରାପଡ଼ା ପଞ୍ଚାୟତରୁ ୫୦୦ରୁ ଅଧିକ ବିଜୁ ଜନତା ଦଳର ସଦସ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପିର ଶତାଧିକ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।

## ବିଜୁ ଯୁବ ଛାତ୍ର ଦଳର ସଭାରେ ବିରୋଧୀଙ୍କ ପ୍ରଶ୍ନର ଉତ୍ତର ଦେଲେ କଳିକେଶ

**ବଲାଙ୍ଗିର, ୨୫।୪(ସମିସ):** ବଲାଙ୍ଗିର ବ୍ଲକ ଅନ୍ତର୍ଗତ ବିଡିଘାଟ ପଞ୍ଚାୟତରେ ବିଜୁ ଯୁବ ଛାତ୍ର ଜନତା ଦଳର ଏକ ବିଶାଳ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଖପାଖ ଅଞ୍ଚଳରୁ ଶତାଧିକ ଯୁବ ଛାତ୍ର, ବିଜେଡି କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଜୁ ଯୁବ ରାଜ୍ୟ ସମ୍ପାଦକ ଗୁଞ୍ଜି ଖାନ୍ ବଲାଙ୍ଗିର ଛାତ୍ର ସଭାପତି ସୁମନ ନନ୍ଦ, ଯୁବ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ବିଜୁ ଛାତ୍ର ଦଳର ସରକାରୀ ଯୋଜନାରୁ ପାଉଥିବା ଲାଭ ଓ ଛାତ୍ରଛାତ୍ରୀଙ୍କର ଶିକ୍ଷା ଉପରେ ଅଭିଭାଷଣ ରଖିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତକୁ ଟାଣ କରିବା ପାଇଁ ସେ କହିଥିଲେ। ସଭାରେ ବରିଷ୍ଠ ବିଜେଡି ନେତା କୈଳାଶ ମହାନ୍ତି, ପୂର୍ବତନ ଅଧକ୍ଷ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ପୂର୍ବତନ ଲୋଇସିଂହା ବିଧାୟକ ପ୍ରାଥି ପାଣ୍ଡବ କୁମ୍ଭାର, ନରେନ୍ଦ୍ର ସୁନା ଉପସ୍ଥିତ ହୋଇ ସରକାରୀ ଯୋଜନାରୁ ଲୋକେ ପାଉଥିବା ଲାଭ ବିଷୟରେ କହି କଳିକେଶ ଏବଂ ସୁରେନ୍ଦ୍ର ସିଂ ଭୋଇ ଭୋଟ ଭିକ୍ଷା କରିଥିଲେ।

କଳିକେଶ ସିଂହଦେଓ ତାଙ୍କ ଭାଷଣରେ ଉପସ୍ଥିତ ଯୁବ ଛାତ୍ର ଓ ଜନସାଧାରଣଙ୍କୁ ଉଦବୋଧନ ଦେବା ସମୟରେ କଂଗ୍ରେସ ପ୍ରାର୍ଥୀ ପଚାରିଥିବା ହାଉସିଂବୋର୍ଡର ଅଧକ୍ଷ ରୂପେ ନିଯୁକ୍ତ ହୋଇ ବଲାଙ୍ଗିର ପାଇଁ କଣ କରିଛନ୍ତି ତାହାର ଉତ୍ତର ଦେଇଥିଲେ। ଯେଉଁମାନେ ଦୀର୍ଘଦିନ ପୂର୍ବରୁ ସରକାରଙ୍କ ପାଖରୁ କମ୍ ମୂଲ୍ୟରେ କିଣିଥିବା ଡିହ ବା ଜମି ପଟ୍ଟା ପାଇନଥିଲେ ସେଥି ମଧ୍ୟରେ ପ୍ରାୟ ବଲାଙ୍ଗିରର ତିନିଶହରୁ ଉର୍ଦ୍ଧ୍ୱ ହେବେ ମୁଁ ହାଉସିଂବୋର୍ଡରେ ରହିଲା ପରଠୁ ସରକାରଙ୍କ ପାଖରେ ସେ ଅସୁବିଧା ବିଷୟରେ ଅବଗତ କରାଇ ସମସ୍ତଙ୍କୁ ପଟ୍ଟା ଓ ପାର୍ଚ୍ଚା ପାଇବାରେ ସହାୟକ ହେଲି ଏବଂ ମିଶ୍ର ପରିବାର ସେଥିରେ ଉପକୃତ ହୋଇଛନ୍ତି ବୋଲି ଉତ୍ତର ରଖିଥିଲେ। ମୁଇଁ ବଲାଙ୍ଗିରିଆକୁ ନେଇ ମଧ୍ୟ ନିଶାନା କରିଥିଲେ ବିରୋଧିକୁ। ମୁଁ ବଲାଙ୍ଗିର ନାହିଁ ବୋଲି ପ୍ରଚାର କରୁଛନ୍ତି। ଆମେ ଆମର ପରିବାର ସବୁବେଳେ ବଲାଙ୍ଗିର କାହିଁକିନା ଯଦି ଆମେ ବଲାଙ୍ଗିର ନୋହୁ ତା ହେଲେ ରାଜେନ୍ଦ୍ର କଲେଜ ଓ ପଡ଼ିଆ ପିଆର ହାଇସ୍କୁଲ ଓ ପଡ଼ିଆ, ରାଜେନ୍ଦ୍ର ପାର୍କ, ରାଣିବନ୍ଧ ଏହି ସବୁ କଣ ଆମ ବିକାଶ ପାଇଁ କରିଥିଲୁ। ସେଥିରେ ସମସ୍ତ ବଲାଙ୍ଗିର ସହର ଓ ତାଙ୍କ ପରିବାର ପଢ଼ିଛନ୍ତି, ଖେଳିଛନ୍ତି, ଗାଧୋଇଛନ୍ତି। ସେ ସବୁକୁ ଭୁଲି ଯାଉଛନ୍ତି କେମିତି ମୋତେ ଉତ୍ତର ଦେବେକି ବୋଲି ପ୍ରଶ୍ନ କରିଛନ୍ତି। ସଭା ଶେଷ ବେଳକୁ ସୁକତେଲ ନଦୀ ଉପରେ ହୋଇଥିବା ଡ୍ୟାମ ଓ ପାଣି ପାଇବା ଶୀଘ୍ର ହେବ ବୋଲି କହିଥିବା ବେଳେ ଆହୁରି ୯ଟି ପଞ୍ଚାୟତରେ ପାଣି ପାଇଁ ଚେଷ୍ଟା ଚାଲିଛି ବୋଲି ସେ କହିଥିଲେ। ସୁକତେଲ ଅଞ୍ଚଳରେ ରୋଜଗାର ହରାଇଥିବା ଶିକ୍ଷିତ ଯୁବକଯୁବତି ପାଇଁ ସମାଜସେବୀ ବିବେକ ପ୍ରଧାନ ଓ ସାଥି ଅନୁରୋଧ କ୍ରମେ ସେହି ସୁକତେଲ ପାର୍ଶ୍ୱରେ ଥିବା ପଡ଼ିଆ ଜମି ସରକାରଠୁ ଅଧିଗ୍ରହଣ କରି ଇଣ୍ଡଷ୍ଟ୍ରି ବସାଇବା ପାଇଁ ମୁଁ ବାଧ ପରିକର ବୋଲି କହି ବିଜେଡିକୁ ଦୁଇଟି ଭୋଟ ଦେବା ପାଇଁ କହି ନବୀନ ସରକାରଙ୍କ ହାତମୁଠାକୁ ଟାଣ କରିବା ପାଇଁ କର୍ମୀମାନଙ୍କୁ କହିଥିଲେ।

## ଅଖିଳ ଭାରତୀୟ ୮୪ଘର ଅଘରିଆ ସମାଜର ବୈଠକ

**ବଲାଙ୍ଗିର, ୨୫।୪(ସମିସ):** ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ବଲାଙ୍ଗିର ଜିଲ୍ଲା ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ଅଧକ୍ଷତାରେ କନ୍ଧପାଲିପଡ଼ା ସ୍ଥିତ ଅଘରିଆ ଭବନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ୪ ମଣ୍ଡଳ ସଭାପତି, ୧୮ ଗୁଡ଼ି ସଭାପତି, ଉପଦେଷ୍ଟା ମଣ୍ଡଳୀ ସଭ୍ୟ, କେନ୍ଦ୍ର କମିଟି, ମହିଳା ମଞ୍ଚ, ଯୁବା ମଞ୍ଚ, କୃଷକ ମଞ୍ଚ, ନିର୍ମାଣ କମିଟି, ପୁସ୍ତକ କମିଟି ଓ ଶିକ୍ଷା କମିଟି ସହ ଶତାଧିକ କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ବଲାଙ୍ଗିର ଜିଲ୍ଲା ଏକ ଶୃଙ୍ଖଳିତ ସମାଜ। ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ଉନ୍ନତି ଓ ସମାଜର ସଂସ୍କୃତି, ପରମ୍ପରା ତଥା ସମାଜର ଏକତା ରକ୍ଷା ପାଇଁ କାର୍ଯ୍ୟ କରୁଅଛି। ସମାଜର ଏକତା, ସଂସ୍କୃତି, ପରମ୍ପରା, ଭାଇଚାରା ବଜାୟ ରଖିବା ପାଇଁ ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ବଲାଙ୍ଗିର ଜିଲ୍ଲା ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ କୁ ସମର୍ଥନ କରିବ ନାହିଁ ବୋଲି ଏହି ବୈଠକର ନିଷ୍ପତି ହୋଇଥିଲା। ସମାଜର ସମସ୍ତ ବ୍ୟକ୍ତି ସ୍ୱାଧୀନ ଭାବେ ନିଜ ନିଜ ପସନ୍ଦର ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ମତ ସାବ୍ୟସ୍ତ କରି ପାରିବେ। କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ନେଇ ସମାଜର କୌଣସି ବ୍ୟକ୍ତି ସମାଜର ନାମରେ ସଭା ଆୟୋଜନ କରିପାରିବେ ନାହିଁ ବୋଲି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିବା ସୂଚନା ଦିଆଯାଇଛି।

ପାଟଣାଗଡ଼ ଭାଲୁ ହତ୍ୟା ଘଟଣା

## ବନ ବିଭାଗର ଛାନ୍‌ଭିନ୍ ଆରମ୍ଭ

**ବଲାଙ୍ଗିର, ୨୫।୪(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରେଞ୍ଜ ଭାଲୁ ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ବନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ତନାଘନା। ବନ ବିଭାଗର ଏକ ଉଚ୍ଚସ୍ତରୀୟ ଟିମ୍ ଏହାର ତଦନ୍ତ ଚଲାଇଥିବା ବେଳେ ଗୁରୁବାର ରେଞ୍ଜର କିଛି ଅଧିକାରୀ ଜଙ୍ଗଲ ଭିତରେ ଭାଲୁ ମୃତାବଶେଷ ଖୋଜାଖୋଜି କରୁଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣାକୁ ବନ ବିଭାଗ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିବା ବେଳେ ରେଞ୍ଜରଙ୍କ ପ୍ରତିକ୍ରୀୟା ବିବାଦ ସୃଷ୍ଟି କରିଛି। ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶି ପ୍ରଥମେ ଗଣମାଧ୍ୟମକୁ ସୂଚନା ଦେଇଥିବା ବ୍ୟକ୍ତିଙ୍କୁ ଗିରଫ କରିବେ ବୋଲି ଧମକ ଦେଇଥିବା ବେଳେ ଗୁରୁବାର ଏହି ଘଟଣାକୁ ଖରାଦିନିଆ ଗୁଜବ ବୋଲି କହିଛନ୍ତି। ଯାହାକୁ ନେଇ ଏବେ ବିବାଦ ଦେଖାଦେଇଛି।

ଖରା ଦିନରେ ଯେମିତି ଛୁଆ ଚୋରକୁ ନେଇ ଗୁଜବ ପ୍ରଚାର ହୁଏ ଠିକ ସେହିଭଳି ଭାଲୁ ୫ ମାସ ପୂର୍ବରୁ ମରିଥିବାର ଏକ ଗୁଜବ ପ୍ରଚାର ହୋଇଛି। ଏଥିରେ କିଛି ସତ୍ୟତା ନାହିଁ ବୋଲି ପାଟଣାଗଡ଼ ଭାଲୁ ହତ୍ୟା ଘଟଣାରେ ଏକ ବିଭ୍ରାନ୍ତିକର ପ୍ରତିକ୍ରୀୟା ଦେଇଛନ୍ତି ପାଟଣାଗଡ଼ ରେଞ୍ଜର ଅନନ୍ଦ ଚନ୍ଦ୍ର ବିଶି। ତାଙ୍କର ଏହି ପ୍ରତିକ୍ରୀୟା ଏବେ ବିବାଦ ସୃଷ୍ଟି କରିଛି। ତାଙ୍କ କହିବା ଅନୁସାରେ ଭାଲୁ ହତ୍ୟାର କିଛି ସତ୍ୟତା ନାହିଁ। ତେବେ ଏଠି ପ୍ରଶ୍ନ ଉଠୁଛି ଘଟଣା ସାମ୍ନାକୁ ଆସିବା ପରେ କୌଣସି ତଦନ୍ତ ବିନା ଏହାକୁ ଗୁଜବ କହିବା କେତେ ଯୁକ୍ତିଯୁକ୍ତ। ଅନ୍ୟପକ୍ଷରେ ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି ବଲାଙ୍ଗିର ଡିଏଫଓ ସୁଦର୍ଶନ ବେହେରା। ତାଙ୍କ ନିର୍ଦ୍ଦେଶକ୍ରମେ ଏହି ଘଟଣାର ଛାନଭିନ ଆରମ୍ଭ ହୋଇଛି। ବଲାଙ୍ଗିର ଏସଏଫ ଜିତେନ୍ଦ୍ର ସାହୁ ନିଜେ ପାଟଣାଗଡ଼କୁ ଯାଇ ଏନେଇ ତନାଘନା କରିଥିବା ଜଣାପଡ଼ିଛି। ସେହିପରି ସ୍ଥାନୀୟ ଫରେଷ୍ଟର ମଧ୍ୟ କିଛି କର୍ମଚାରୀଙ୍କୁ ନେଇ ଘଟଣାସ୍ଥଳକୁ ଯାଇ ଭାଲୁ ଅବଶେଷ ଖୋଜିବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି। ତେବେ ଯଦି ମୃତଦେହର ଅବଶେଷ ମିଳେ ତେବେ ତାହା ଫରେଷ୍ଟର ଲୋକଲୋଚନକୁ ଆଣିବେ ନା ମାମଲାକୁ ବିଭ୍ରାନ୍ତ କରିବା ପାଇଁ ପ୍ରମାଣ ନଷ୍ଟ କରିବେ ତାକୁ ନେଇ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି। ସୂଚନାନୁଯାୟୀ, ଗତ ନଭେମ୍ବରରେ ଲାଠୋର ଫରେଷ୍ଟ ସେକ୍ସନ ଠେଲକୋଛାପର ସଂରକ୍ଷିତ ଜଙ୍ଗଲ ଜାମଝରନ ଅଞ୍ଚଳରେ ଏକ ଭାଲୁ ବାରହା ଫାଶରେ ପଡ଼ିଥିବା ଲୋକେ ଦେଖିଥିଲେ। ପରବର୍ତ୍ତୀ ସମୟରେ ବାରହା ଫାଶ ଲଗାଇଥିବା ଶିକାରୀମାନେ ହିଁ ଭାଲୁକୁ ମାରି ଫିଙ୍ଗିଦେଇଥିଲେ। ଜନୈକ ପ୍ରତ୍ୟକ୍ଷଦର୍ଶୀ ଏନେଇ ସୂଚନା ଦେବା ପରେ ଖବର ପ୍ରକାଶ ପାଇଥିଲା। କିନ୍ତୁ ଏହାକୁ ରେଞ୍ଜର ଗୁରୁତ୍ୱ ନଦେଇ ଏହି ଘଟଣା ଉପରେ ପ୍ରତିକ୍ରୀୟା ଦେବା ବଦଳରେ ସୂଚନା ଦେଇଥିବା ପ୍ରତ୍ୟକ୍ଷଦର୍ଶୀ ମଧ୍ୟ ଭାଲୁକୁ ହତ୍ୟା କରିଥିବା ମଧ୍ୟରୁ ଜଣେ। ତେଣୁ ତାକୁ ଗିରଫ କରାଯିବ ବୋଲି ରେଞ୍ଜର ଶ୍ରୀ ବିଶି ଧମକାଇଥିଲେ। ସେହିପରି ଗୁରୁବାର ପୁଣି ଏହାକୁ ଗୁଜବ କହି ବିବାଦୀୟ ମନ୍ତବ୍ୟ ରଖିଛନ୍ତି। ଏହିଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିବା ପରେ ବନ ବିଭାଗ ପକ୍ଷରୁ ଯଦିଓ ତଦନ୍ତ ଆରମ୍ଭ ହୋଇଛି ତେବେ ସେହି ସମୟରେ ଏନେଇ ବନ ବିଭାଗ କେମିତି ସୂଚନା ପାଇଲାନାହିଁ। ଯାହାକି ସ୍ପଷ୍ଟ କରୁଛି ବନ ବିଭାଗ ବନ୍ୟପ୍ରାଣୀ ସୁରକ୍ଷାରେ ଅବହେଳା ପ୍ରଦର୍ଶନ କରିଆସୁଛି। ଫଳରେ ଅନେକ ବନ୍ୟପ୍ରାଣୀଙ୍କ ମୃତ୍ୟୁ ପରେ ଜଙ୍ଗଲରେ ହିଁ ସମାଧି ନେଉଛନ୍ତି। ସାମ୍ନାକୁ ଆସିଲେ ବନ ବିଭାଗ ମୁଣ୍ଡ ବିନ୍ଧା ହେଉଥିବାରୁ ଜଙ୍ଗଲ ଭିତରେ ହିଁ ମାମଲାକୁ ଚାପି ଦିଆଯାଉଥିବା ପରିବେଶ ପ୍ରେମୀମାନେ ଅଭିଯୋଗ କରିଛନ୍ତି। ଏନେଇ ଏସିଏଫ ଜିତେନ୍ଦ୍ର ସାହୁଙ୍କ କହିବା ଅନୁସାରେ ବିନା ଛାନଭିନରେ କେଉଁ ଘଟଣାକୁ ଗୁଜବ କୁହାଯାଇ ପାରିବନାହିଁ। ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ ହୋଇଛି। ଯଦି ଏହିଭଳି କିଛି ଘଟଣା ଘଟିଛି ତେବେ ନିହାତି ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ପୁଅ ପାଇଁ ବରିଷ୍ଠ ବିଜେଡି ନେତା ଅନଙ୍ଗଙ୍କ ଘରଘର ବୁଲି ପ୍ରଚାର

**ବଲାଙ୍ଗିର, ୨୫।୪(ସମିସ):** ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରାର୍ଥୀମାନଙ୍କ ପ୍ରଚାର ମଧ୍ୟ ବଲାଙ୍ଗିର ସହରରେ ବେଶ୍ ପ୍ରଖର ହେବାରେ ଲାଗିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଖରାକୁ ଖାତିର ନକରି ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ବିଜେଡି ଓ ପୁଅ କଳିକେଶ ପାଇଁ ବଲାଙ୍ଗିର ସହରରେ ଘରଘର ବୁଲି ସମର୍ଥନ ଲୋଡ଼ିଛନ୍ତି। ତାଙ୍କ ସହ ବଲାଙ୍ଗିର ପୌର ପରିଷଦ ଅଧକ୍ଷା ଲିକା ସାହୁ, କାଉନସିଲର ନନ୍ଦିନୀ ପୋତ ଏବଂ ଶହଶହ ବିଜେଡି ନେତା ଓ କର୍ମକର୍ତ୍ତାମାନେ ମଧ୍ୟ ଘରଘର ବୁଲି ବିଜେଡିକୁ ଭୋଟ ଦେବାକୁ ନିବେଦନ କରୁଥିବାର ଦେଖିବାକୁ ମିଳିଛି। ୱାର୍ଡ ୮ ବ୍ରାହ୍ମଣପଡ଼ାରେ ବିଜେଡିର ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ଓ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ପାଇଁ ଜନତା ଜନାର୍ଦ୍ଦନଙ୍କ ଠାରୁ ଭୋଟ ଭିକ୍ଷା କରାଯାଉଥିବା ବେଳେ ବିଜେଡି ପ୍ରାର୍ଥୀଙ୍କ ପ୍ରତି ବଲାଙ୍ଗିରବାସୀଙ୍କ ଢେର୍ ସମର୍ଥନ ରହିଥିବା ପୂର୍ବତନ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ବଲାଙ୍ଗିରରେ ମେ ୨୦ ତାରିଖରେ ମତଦାନ ହେବାକୁ ଥିବାବେଳେ ଏବେଠୁ ନିର୍ବାଚନ ମଇଦାନରେ ବିଜେଡିର ଘମାଘୋଟ ପ୍ରଚାର ଦେଖିବାକୁ ମିଳୁଛି।



ନିଖୋଜ ସ୍ୱାମୀ ଓ ବନ୍ଧକ ପୁଅ ଉଦ୍ଧାର ଘଟଣା

## ତଦନ୍ତ ଆରମ୍ଭ କଲା ଶ୍ରମ ବିଭାଗ

**ଖପ୍ରାଖୋଲ, ୨୫।୪(ସମିସ):** ବଲାଙ୍ଗିର ଜିଲ୍ଲା ସ୍ଥାନୀୟ ଖପ୍ରାଖୋଲ ଗ୍ରାମର ଡୁବୁରୁ ବରିହା ଓ ପୁଅ ବୁଲୁ ବରିହା ରାଜ୍ୟ ବାହାରକୁ ଦାଦନ ଖଟି ଯାଇଥିଲେ। ସେଠାରେ ବାପା ଡୁବୁରୁ ବରିହା (୭୦) କୁଆଡେ ନିଖୋଜ ହୋଇଯାଇଥିଲେ। ଉକ୍ତ ଘଟଣା ବିଷୟରେ କପସିପାଲି ଗ୍ରାମର ଦାଦନ ସର୍ଦ୍ଦାର ଚଏତୁ ଛୁରା ଡୁବୁରୁଙ୍କ ସ୍ତ୍ରୀ ପ୍ରେମ ବରିହାଙ୍କୁ କହିଥିଲେ। ଏହା ପରେ ପ୍ରେମ ଦାଦନ ସର୍ଦ୍ଦାରଙ୍କୁ ପୁଅ ଓ ସ୍ୱାମୀଙ୍କୁ ଉଦ୍ଧାର କରି ଆଣିଦେବା ପାଇଁ ଗୁହାରି କରିଥିଲେ। ହେଲେ ପୁଅ ବୁଲୁଙ୍କୁ ଇଟାଭାଟି ମାଲିକ ବନ୍ଧକ ରଖି କାମ କରାଉଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ପୁଅ ବୁଲୁଙ୍କୁ ଖପ୍ରାଖୋଲ ପୁଲିସ ତାମିଲନାଡୁର ଜିଲ୍ଲା ତ୍ରିଭେଲୁ ଗୁମୁଣ୍ଡିପୁଳି ଗ୍ରାମରୁ ଉଦ୍ଧାର କରିଥିବା ସୂଚନା ମିଳିଛି। ଏହି ଘଟଣାର ତଦନ୍ତ ପାଇଁ ଶ୍ରମ ବିଭାଗ ତରଫରୁ ଏଏଲଓ ବିନୋଦ ବିହାରୀ ନାୟକ ଡୁବୁରୁଙ୍କ ଘରକୁ ଆସି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା ବେଳେ ଦାଦନ ସର୍ଦ୍ଦାର ରାଜ୍ୟ ବାହାରକୁ ଚାଲାଣ ଚାଲାଣ ବେଳେ ଆବଶ୍ୟକ କାଗଜ ପତ୍ର କରିଥିଲେ କି ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡୁବୁରୁ ବୃଦ୍ଧ ହୋଇଥିବା ବେଳେ ତାଙ୍କୁ କାହିଁକି ରାଜ୍ୟ ବାହାରକୁ ନିଆଗଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରେମ ଓ ପୁଅ ବୁଲୁଙ୍କୁ ପଚରା ଉଚରା କରି ତଦନ୍ତ କରି ଯାଇଥିବା ଜଣାପଡ଼ିଛି। ନିଖୋଜ ଡୁବୁରୁଙ୍କୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକେ ଦାବି କରିଛନ୍ତି।



## ■ ଜମି ମାଫିଆଙ୍କୁ ସୁରକ୍ଷା ଦେଉଛି କିଏ

## ହାଇକୋର୍ଟର ଦ୍ୱାରସ୍ଥ ହେବ ଆମ୍ବେଦକର ଯୁବକ ସଂଘ

**କଣ୍ଟାବାଞ୍ଜି, ୨୫।୪(ସମିସ):** କଣ୍ଟାବାଞ୍ଜି ତହସିଲ ଅନ୍ତର୍ଗତ ବେହେରେନସିଲେଟ ଗାଁରେ କଣ୍ଟାବାଞ୍ଜିର ଜଣେ ଜମି ମାଫିଆ ସେହି ଗାଁରେ ଜଣେ ଆଦିବାସୀ ସମ୍ପ୍ରଦାୟର ଜମି କିଣି ସେହି ଜମିକୁ ଅନ୍ୟ ଜଣେ ଲୋକଙ୍କ ନାମରେ କରି ବର୍ତ୍ତମାନ ସାଧାରଣବର୍ଗ ଲୋକଙ୍କ ନାମରେ କରି ଚଢ଼ା ଦରରେ ବିକ୍ରି କରିଥିବା ଅଭିଯୋଗ ହେଉଛି। ଉକ୍ତ ଜମି ମାଫିଆ ଜଣକ ସେହି ଜମି ପାଖରେ ଲାଗି ଥିବା ଏକ ସର୍ବସାଧାରଣ ନାଳକୁ ମଧ୍ୟ ଅକ୍ତିଆର କରି ରଖିଛନ୍ତି। ସେ ନେଇ କୌଣସି ଲୋକ ସ୍ୱର ଉଠାଇଲେ ତାଙ୍କୁ ନାଲି ଆଖି ଦେଖାଉଛନ୍ତି। ଏନେଇ ଅନେକ ଥର ବିଭିନ୍ନ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶିତ ହୋଇସାରିଛି। କିନ୍ତୁ, ଆଜିଯାଏ ଜିଲ୍ଲା ପ୍ରଶାସନ କି ସ୍ଥାନୀୟ ପ୍ରଶାସନ ଉକ୍ତ ଜମିମାଫିଆ ନିତିନଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ପରୋକ୍ଷ ଭାବେ ଉକ୍ତ ଜମିମାଫିଆଙ୍କୁ କିଛି ଅଧିକାରୀ ସହଯୋଗ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ତେବେ କାହିଁକି କାର୍ଯ୍ୟାନୁଷ୍ଠାନ ନେଉଁ ନାହିଁ ପ୍ରଶାସନ। କିଏ ଦେଉଛି ସୁରକ୍ଷା ଏନେଇ ଏବେ ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଏନେଇ ବେହେରେନସିଲେଟ ଗାଁର ଆମ୍ବେଦକର ଯୁବକ ସଂଘ ପକ୍ଷରୁ ସ୍ୱର ଉଠାଇବା ସହ ବେଆଇନ କାର୍ଯ୍ୟକଳାପକୁ ଆମ ଗାଁରେ ପ୍ରୋତ୍ସାହନ ଦିଆଯିବ ନାହିଁ ବୋଲି କହିଛନ୍ତି। ଆମେ ଆଇନର ଆଶ୍ରୟ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ସଂଘ ସମ୍ପାଦକ ମୋହନ ସୁନା ସୂଚନା ଦେଇଛନ୍ତି।

## ବିଜ୍ଞପ୍ତି ପ୍ରକାଶ ଏବଂ ନାମାଙ୍କନ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ରାଜନୈତିକ ଦଳ ସହିତ ବୈଠକ

**ବଲାଙ୍ଗିର, ୨୫।୪(ସମିସ)**

ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଓ ଶିୱାଜୀ ଇସଲୱାରଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳ ସମ୍ମିଳନୀ କକ୍ଷଠାରେ ବିଜ୍ଞପ୍ତି ପ୍ରକାଶ ଏବଂ ନାମାଙ୍କନ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ଡେପୁଟି କଲେକ୍ଟର (ନିର୍ବାଚନ) ରାଜେନ୍ଦ୍ର ନାୟକ ପ୍ରମୁଖ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାପାଳ ଆସନ୍ତାକାଲି ଠାରୁ ହେବାକୁ ଥିବା ନାମାଙ୍କନ ଏବଂ ବିଜ୍ଞପ୍ତି ପ୍ରକାଶ ଉପରେ ଆଲୋଚନା କରିଥିଲେ। ବିଜ୍ଞପ୍ତି ପ୍ରକାଶ ପରେ ନାମାଙ୍କନ ଗ୍ରହଣ କରାଯିବ। ଏହି ସମୟରେ ଛୁଟି ଦିନଗୁଡ଼ିକୁ ଛାଡି ସମସ୍ତ କାର୍ଯ୍ୟାଳୟ ଦିନ ଗୁଡିକରେ ଆସନ୍ତା ମେ ୩ ତାରିଖ ଯାଏଁ ନାମାଙ୍କନ ଦାଖଲ କରାଯାଇପାରିବ। ପାର୍ଥୀ ଦିନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନିଜ ନାମାଙ୍କନ ପତ୍ର ସମ୍ପୃକ୍ତ ରିଟର୍ନିଂ ଅଧିକାରୀଙ୍କ ପାଖରେ ଦାଖଲ କରିପାରିବେ। ମଇ ୪ ତାରିଖ ନାମାଙ୍କନ ଯାଞ୍ଚ ଏବଂ ୬ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ପରେ ୨୦ ତାରିଖ ଜିଲ୍ଲାରେ ମତଦାନ ହେବ। ତେବେ ନିର୍ବାଚନ ଆୟୁକ୍ତଙ୍କ ଗାଇଡ୍ ଲାଇନ୍‌କୁ ଶତପ୍ରତିଶତ ମାନିବାକୁ ସମସ୍ତଙ୍କୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ନାମାଙ୍କନ କେନ୍ଦ୍ରର ୧୦୦ ମିଟର ଦୂରତା ଭିତରେ ପ୍ରାର୍ଥୀ ୩ଟି ଗାଡି ସହ ୫ ଜଣଙ୍କୁ ସାଥିରେ ଆଣିପାରିବେ। ସେହିପରି ୩ଟା ପରେ କୌଣସି ନାମାଙ୍କନ ଗ୍ରହଣ କରାଯିବନି। ଉପଯୁକ୍ତ ଡକ୍ୟୁମେଣ୍ଟ, ସ୍ୱତନ୍ତ୍ର ବ୍ୟାଙ୍କ ଖାତା ଓ ନିର୍ଦ୍ଧାରିତ ଜମା ରାଶି ଦାଖଲ କରିବାକୁ କହିଥିଲେ। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ କହିଥିଲେ। ଏହି ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ଅନଲାଇନରେ କିପରି ନାମାଙ୍କନ ସହ ପ୍ରଶାସନର ଅନୁମତି ମାଗିବେ ସେ ବାବଦରେ ଜଣା ଯାଇଥିଲା। ବୈଠକରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ।



■ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ

# ସ୍ୱାଧୀନ ଭାବେ ପାହାଡ଼ି କନ୍ୟା ଫୁଲମେଙ୍କ ପ୍ରାର୍ଥୀପତ୍ର ଦାଖଲ





**ଭବାନୀପାଟଣା, ୨୫।୪(ସମିସ):** ସ୍ଥାନୀୟ ଲୋକଙ୍କ ସେବା କରିବାର ଇଛା ପୂରଣ ପାଇଁ ସଂକଳ୍ପ ନେଇଥିବା ଲାଞ୍ଜିଗଡ଼ ବ୍ଲକର ଆଦିବାସୀ ଝିଅ ଫୁଲମେ ମାଝୀ ବିଧାୟକ ପଦ ପାଇଁ ଗୁରୁବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେ ଏକ ବିରାଟ ଶୋଭାଯାତ୍ରାରେ ଆସି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନଙ୍କ ନିକଟରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସ୍ୱାଧୀନ ଭାବେ ଫୁଲମେ ନିର୍ବାଚନ ଲଢ଼ିବା ଲାଞ୍ଜିଗଡ଼ ନିର୍ବାଚନ ଗଣିତକୁ ଏପଟ ସେପଟ କରିଦେଇଛି।

ସରଳ ଜୀବନ ଜୀଇଁବା ଭିତରେ ଫୁଲମେଙ୍କ ପ୍ରଥମ ପସନ୍ଦ ଜନସେବା। ତାଙ୍କର ବିଶେଷ ଗୁଣ ହେଉଛି ତାଙ୍କୁ କେବେ କୌଣସି ଲାଳସା ପ୍ରଭାବିତ କରିପାରିନାହିଁ। ଆଜିର ବସ୍ତୁବାଦୀ ଅର୍ଥସର୍ବସ୍ୱ ଦୁନିଆର ଚାକଚକ୍ୟ ତାଙ୍କୁ ତିଳେମାତ୍ର ସ୍ପର୍ଶ କରିପାରିନାହିଁ। ଫୁଲମେ ମାଝୀଙ୍କ ନିଃସ୍ୱାର୍ଥପର ସେବା, ଦୃଢ଼ ମନୋବଳ, ଅସୀମ ଶକ୍ତି, ନିଷ୍ଠା ଓ ଆଦର୍ଶ ମୂଲ୍ୟବୋଧ ପାଇଁ ଭୁବନେଶ୍ୱରଠାରେ ଆଦିବାସୀ ମେଳାରେ ଜାନୁଆରୀ ୨୬ ପ୍ୟାରେଡ଼ ପଡ଼ିଆରେ ସମ୍ବର୍ଦ୍ଧିତ କରାଯାଇଥିଲା। କୌଣସି ରାଜନୈତିକ ଦଳରୁ ଛିଡା ନ ହୋଇ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିବେ ବୋଲି ନିଷ୍ପତି ନେଇଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ସେ ଦୁଇଥର ସରପଞ୍ଚ ମଧ୍ୟ ଥିଲେ।

ଧର୍ମଗଡ଼ରେ ଗଡ଼ ରକ୍ଷା ପାଇଁ ସଂକଳ୍ପବଦ୍ଧ ବିଜେଡି

# ବିଜେଡି ପ୍ରଚାରର ହିଟ୍‌ୱେଭ; ବିରୋଧୀଙ୍କୁ ଘାରିଛି ଅଂଶୁଘାତ ଭୟ

**ଭବାନୀପାଟଣା, ୨୫।୪(ସମିସ)**

ଧର୍ମଗଡ଼ରେ ବିଜେଡ଼ି, ବିଜେପି ଓ କଂଗ୍ରେସ ପ୍ରାର୍ଥୀମାନେ ନିଜ ନିଜ ନାମାଙ୍କନପତ୍ର ଦାଖଲ କରିସାରିଛନ୍ତି। ଏବେ ପ୍ରଚାରର ବେଳ। ସବୁ ଦଳର ପ୍ରାର୍ଥୀମାନେ ରଣାଙ୍ଗନକୁ ଓହ୍ଲାଇଥିବାବେଳେ ବିଜେଡ଼ି ସମସ୍ତଙ୍କଠାରୁ ଢେର୍ ଆଗୁଆ ରହିଛି। ବିଜେଡି ପ୍ରଚାର ସରଗରମ ହୋଇଛି। ବିଜୁ ଜନତା ଦଳର କଳାହାଣ୍ଡି

## ବଢୁଛି ଲମ୍ବୋଦର ଓ ପୁଷ୍ପେନ୍ଦ୍ରଙ୍କ ଲୋକପ୍ରିୟତା

ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଏବଂ ଧର୍ମଗଡ଼ ବିଧାନସଭା ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ମାରାଥନ୍ ପ୍ରଚାରରେ ଲାଗି ପଡ଼ିଛନ୍ତି। ବିଜେଡ଼ିର ଅଭେଦ୍ୟ ଦୁର୍ଗ ହୋଇ ସାରିଥିବା ଧର୍ମଗଡ଼ର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ଦଳୀୟ ନେତୃବୃନ୍ଦ। ଲୋକେ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ଦ୍ୱାରା ବହୁମାତ୍ରାରେ ଉପକୃତ ହୋଇଥିବାରୁ ବିଜେଡ଼ିର ସାଂସଦ ପ୍ରାର୍ଥୀ ଓ ବିଧାନସଭା ପ୍ରାର୍ଥୀଙ୍କୁ ଆଦର ସହକାରେ ବନ୍ଦାପନା ମଧ୍ୟ କରୁଥିବା ଦେଖାଯାଇଛି। ବିରୋଧୀ କଂଗ୍ରେସ ଓ ବିଜେପି ପ୍ରାର୍ଥୀମାନେ ବିଜେଡି ପ୍ରଚାରର ପ୍ରଭାବରେ ଅଣନିଃଶ୍ୱାସୀ ହୋଇପଡୁଥିବା ଦେଖିବାକୁ ମିଳୁଛି। ୨୦୦୦ ମସିହା ଠାରୁ ୨୦୨୪ ପର୍ଯ୍ୟନ୍ତ ବିଜୁ ଜନତା ଦଳ ଧର୍ମଗଡ଼ ନିର୍ବାଚନମଣ୍ଡଳୀରେ ନିଜର ଦବଦବା



ବଳବତ୍ତର ରଖି ଆସିଛି। ଗତ ୩ଟି ନିର୍ବାଚନରେ ଥରେ ମୌଷଧୀ ବାଗ ବିଜେଡିରୁ ନିର୍ବାଚିତ ହୋଇଥିବାବେଳେ ଦୁଇଥର ପୁଷ୍ପେନ୍ଦ୍ର ସିଂଦେଓ ବିଧାୟକ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏହାରି ଭିତରେ ବିଜେଡ଼ିର ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ଧର୍ମଗଡ଼ ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ଲୋକଙ୍କ ଆସ୍ଥାଭାଜନ ହୋଇଥିବା ଦେଖାଯାଇଛି। ବୁଧବାର ସାନପୋଡାଗୁଡା ପଞ୍ଚାୟତର କୁଲେରଗୁଡା ଠାରେ ଆୟୋଜିତ ବିଜେଡ଼ିର ମିଶ୍ରଣ ପର୍ବ ଓ ନିର୍ବାଚନି ସଭାରେ ବିଜେପି ଓ ଅନ୍ୟ ଦଳରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡ଼ିରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ପୁଷ୍ପେନ୍ଦ୍ରଙ୍କ ବିରୋଧରେ ବିଜେପିରୁ ସୁଧିର ରଞ୍ଜନ ପଟ୍ଟଯୋଷୀ ଓ କଂଗ୍ରେସରୁ ରଶ୍ମୀରେଖା ରାଉତ ଲଢେଇ କରିବା ସହିତ ଯେ କୌଣସି ଉପାୟରେ ଗଡ଼ ହାତେଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି।

ଧର୍ମଗଡ଼ ନିର୍ବାଚନମଣ୍ଡଳୀର ଯାଦବ ଭୋଟ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଅନୁମାନ କରାଯାଉଛି। କଂଗ୍ରେସ ପ୍ରାର୍ଥୀ ରଶ୍ମୀରେଖା ରାଉତଙ୍କ ଖାତାରେ କେତେ ଯାଦବ ଭୋଟ ପଡ଼ିବ ଏବେ ସେହି ଅଙ୍କକଷା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜନୈତିକ ସମୀକ୍ଷକ ବିଚାର କରୁଛନ୍ତି। କଂଗ୍ରେସର ପକେଟ ଭୋଟ ପ୍ରାର୍ଥୀ ସୁଧୀର ପାଟଯୋଷୀଙ୍କୁ ସୁହାଇବ। ଦ୍ୱିତୀୟରେ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ଲାଗି ଏହି ନିର୍ବାଚନକର ବା ମର ସ୍ଥିତିରେ ପହଞ୍ଚାଇଦେଇଛି। କାରଣ ସେ' ଜିଲ୍ଲାର ଦଳୀୟ ସଭାପତି ଅଛନ୍ତି। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ଧର୍ମଗଡ଼ ନିର୍ବାଚନମଣ୍ଡଳୀକୁ ବିରୋଧୀଙ୍କ ହାତରୁ ଛଡ଼ାଇନେଇ ନିଜର ପତିଆରା ଓ ପ୍ରତିଷ୍ଠା ପାଇଁ ବିଜେଡି ଗର୍ବ କରି ଆସିଛି। ତେଣୁ କେଉଁଠି ସାମାନ୍ୟତମ ଭୁଲ ହେଲେ ଏକ ବଡ଼ ବିପଦକୁ ସାମ୍ନା କରିବାକୁ ହେବ। ସେଥିପାଇଁ ପୁଷ୍ପେନ୍ଦ୍ର ରାତି ଦିନ ଏକ କରି ନିର୍ବାଚନରେ ବିଜୟର ନକ୍ସା ପ୍ରସ୍ତୁତ କରୁଛନ୍ତି। ପୂର୍ବରୁ ବିଜେଡ଼ି ହାତରେ ଧର୍ମଗଡ଼ ଥିବାବେଳେ ୨୦୧୯ରେ ମଧ୍ୟ ବିଜୁ ଜନତା ଦଳ ଏଠାରୁ ବିଜୟୀ ହୋଇଥିଲା। ଚଳିତ ନିର୍ବାଚନ ମଧ୍ୟ ବିଜେଡି ସପକ୍ଷରେ ହାୱା ଥିବା କଥା କୁହାଯାଉଛି। ଏପଟେ ନର୍ଲା ବିଧାୟକ ଭୁପିନ୍ଦର ସିଂଙ୍କୁ ବିଜେଡ଼ି ଜିଲ୍ଲାର ପ୍ରଚାର କମିଟି ଅଧ୍ୟକ୍ଷ ପଦ ପ୍ରଦାନ ପରେ ଦଳ ନୂତନ ରଣନୀତି ନେଇ ଧର୍ମଗଡ଼ରେ ଗଡ଼ ରକ୍ଷା କରିବ।

## ତେଲ୍‌ନଦୀରେ ବୁଡ଼ି ୪ ବର୍ଷର ଶିଶୁ ମୃତ

**ତରଭା, ୨୫।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ବାଲିଖମାର ପଞ୍ଚାୟତ ସିଂଢୋଲ ଗ୍ରାମରରେ ଜଣେ ବ୍ୟକ୍ତିଙ୍କ ୪ ବର୍ଷର ଶିଶୁପୁତ୍ର ତେଲ୍ ନଦୀରେ ବୁଡ଼ି ଯାଇଛି। ଏହା ଫଳରେ ତା' ଜୀବନ ଯାଇଛି। ମୃତ ଶିଶୁପୁତ୍ରଟି ହେଉଛି ଗାଁର ଅଶୋକ ରଣାଙ୍କ ପୁଅ ମିତେଶ।

ଗୁରୁବାର ସକାଳ ସାଢେ ୧୧ରେ ଅଶୋକ ତାଙ୍କ ଏକମାତ୍ର ପୁଅ ମିତେଶକୁ ନେଇ ତେଲନଦୀକୁ ଗାଧେଇବା ଯାଇଥିଲେ। ପ୍ରଥମେ ମିତେଶକୁ ଗାଧେଇ ଦେଇ ନଦୀହିଡ଼ରେ ଠିଆ କରି ନିଜେ ଗାଧେଇ ଯାଇଥିଲେ। ଅଶୋକ ଗାଧେଇ ସାରି ନଦୀରୁ ବାହାରିଲା ପରେ ମିତେଶକୁ ନ ଦେଖି ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରି ନଦୀରୁ ଉଦ୍ଧାର କରିଥିଲେ। ଶିଶୁକୁ ପ୍ରଥମେ ଚାରଭଟ୍ଟା ଓ ପରେ ତରଭା ଡାକ୍ତରଖାନା ଆଣିଥିଲେ। ଖବର ପାଇ କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମିତେଶର ଅକାଳମୃତ୍ୟୁ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ବାଇକ୍ ଦୁର୍ଘଟଣାରେ ୧ ମୃତ, ଜଣେ ଗୁରୁତର

**ଥୁଆମୂଳ ରାମପୁର, ୨୫।୪(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର-କାଠକୁରା ମୁଖ୍ୟ ରାସ୍ତା ସାହୁ ଜଙ୍ଗଲ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଉଭୟ ଥୁଆମୂଳ ରାମପୁର ଗ୍ରାମର ସନ୍ତୋଷ ବାଗ (୨୬) ଓ ଉପେନ୍ଦ୍ର ନାଗ (୨୨) ବୋଲି ଜଣାପଡ଼ିଛି। ଉଭୟ ଏକ ବାଇକ ଯୋଗେ ଗତକାଲି ରାତିରେ ଯାଉଥିବା ବେଳେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ସନ୍ତୋଷ ପ୍ରାଣ ହରାଇଥିବା ବେଳେ ଗୁରୁତର ଉପେନ୍ଦ୍ରଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି।

## ୩ ଲକ୍ଷ ୬୯ ହଜାର ଟଙ୍କା ଜବତ

**ନୂଆପଡ଼ା, ୨୫।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନ ସକାଶେ ଓଡ଼ିଶା- ଛତିଶଗଡ଼ ସୀମାନ୍ତରେ ଯାଞ୍ଚ ଚାଲଛି। ଗୁରୁବାର ଖଡିଆଲରୋଡ୍ ଜୋଙ୍କ ଥାନା ପୁଲିସ ଗୋଟିଏ ଗାଡିରୁ ୩ଲକ୍ଷ ୬୯ହଜାର ଟଙ୍କା ଜବତ କରିଛି। ମଧ୍ୟାହ୍ନରେ



ଖଡିଆଲରୋଡ୍‌ରୁ ରାୟପୁର ଅଭିମୁଖେ ମହମ୍ମଦ ଆକବର ନାମକ ଜଣେ ବ୍ୟବସାୟୀ ଏକ ପିକ୍‌ଅପ୍ ଭ୍ୟାନରେ ଯାଉଥିବା ସମୟରେ ଜଳାରାମ ମନ୍ଦିର ନିକଟରେ ପୁଲିସ ଯାଞ୍ଚରେ ଧରା ପଡ଼ିଥିଲେ। ଥାନା ଅଧିକାରୀ ଗୁରୁଦେବ କର୍ମୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ସମସ୍ତ ଜାଗଜାତ ଯାଞ୍ଚ କରିଥିଲେ; ହେଲେ ଏତେ ଟଙ୍କା ସର୍ମ୍ପର୍କରେ ସେ ଆବଶ୍ୟକ କାଗଜପତ୍ର ବା ପ୍ରମାଣ ଦେଖାଇ ନ ପାରିବାରୁ ଏକ ମାମଲା (ନିର୍ବାଚନୀ) ରୁଜୁ କରି ଟଙ୍କା ଜବତ କରାଯାଇଛି। ସୂଚନାଯୋଗ୍ୟ, ନିର୍ବାଚନ ଅବସରରେ ଜିଲ୍ଲାର ମୋଟ ୧୩ଟି ଜାଗାରେ ଚେକ୍‌ପୋଷ୍ଟ କରାଯାଇଛି।

## ଶେଷ ଦିନରେ ୪ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ



**ନୂଆପଡ଼ା, ୨୫।୪(ସମିସ):** ୨୦୧୪ ସାଧାରଣ ନିର୍ବାଚନ ସକାଶେ ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ଗୁରୁବାର ୪ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିରେ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ବହୁଜନ ସମାଜ ପାର୍ଟି ତରଫରୁ ସୁକଧର ଦଣ୍ଡସେନା ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ସୋମନାଥ ଖମାରୀ ନାମାଙ୍କନ ଦାଖଲ କରିଛନ୍ତି। ସେହିଭଳି ସମାଜବାଦୀ ପାର୍ଟି ତରଫରୁ ଲୋଚନ ମାଝୀ ମଧ୍ୟ ନିଜର ପ୍ରାର୍ଥୀପତ୍ର ଦାଖଲ କରଛନ୍ତି। ଅନ୍ୟପକ୍ଷେ ଖଡିଆଲ ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ସମାଜବାଦୀ ପାର୍ଟି ତରଫରୁ ବୁଧାରୁ ବିହାରୀ ନାମାଙ୍କନ ଦାଖଲ କରିଛନ୍ତି। ଅନ୍ତିମ ଦିନ ସୁଦ୍ଧା ଏହାକୁ ମିଶାଇ ନୂଆପଡ଼ା ଏବଂ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର ମୋଟ ୧୬ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହା ପରେ ପ୍ରାର୍ଥୀ ପତ୍ର ଯାଞ୍ଚ ସହ ପ୍ରତ୍ୟାହାର ପ୍ରକ୍ରିୟା ରହିଛି। କେତେଜଣ ପ୍ରାର୍ଥୀ ମୈଦାନରେ ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ସଦର ବ୍ଲକରେ କଂଗ୍ରେସର ନିର୍ବାଚନ ପ୍ରଚାର

**ବଲାଙ୍ଗିର, ୨୫।୪(ସମିସ):** ବଲାଙ୍ଗିର, କର୍ଲାପିଟା ଓ ଶିବତଲା ଠାରେ ଅନୁଷ୍ଠିତ ନିର୍ବାଚନ ସଭାରେ ଜିଲ୍ଲାର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ବ୍ଲକ କଂଗ୍ରେସ ସଭାପତି ରାମ ପ୍ରସାଦ ମିଶ୍ରଙ୍କ ଏହି ସଭାରେ ସଭାପତିତ୍ୱ କରିଥିଲେ। ନିର୍ବାଚନୀ ସଭାରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଗତ ୧୦ ବର୍ଷରେ ତାଙ୍କ ବିକାଶମୂଳକ କାର୍ଯ୍ୟ ଓ ଲୋକସମ୍ପର୍କକୁ ଲୋକେ ଠିକ୍ ଭାବରେ ତର୍ଜମା କରନ୍ତୁ ଏବଂ




ବଲାଙ୍ଗିର ନିର୍ବାଚନମଣ୍ଡଳୀ ବିକାଶ ପାଇଁ କଂଗ୍ରେସ ଦଳର ସମର୍ଥୀତ ବିଧାୟକ ଓ ସାଂସଦଙ୍କୁ ବିଜୟୀ କରନ୍ତୁ ବୋଲି ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଅନୁଷ୍ଠିତ ଏହି ନିର୍ବାଚନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶଙ୍କର୍ଷଣ ପୁରୋହିତ, ନିରୁପମା ମହାନନ୍ଦ, କଳାକାହ୍ନୁ ବେହେରା, ଗୋପ ମେହେର, ଜଗନ୍ନାଥ ସାହୁ, ଜୟକୃଷ୍ଣ ମିଶ୍ର, ଚଗଲା ପରିଚ୍ଛା, ସରୋଜ ରଥ, ଗଗନ ନାଥ ଓ ରିଙ୍କୁ ଦିକ୍ଷିତ ପ୍ରମୁଖ ସଭା ଗୁଡିକ ସଫଳ ଆୟୋଜନର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଜଳଛତ୍ର ଖାଲି

**ନୂଆପଡ଼ା, ୨୫।୪(ସମିସ):** ନୂଆପଡ଼ା ଜିଲ୍ଲାରେ ଦିନକୁ ଦିନ ତାପମାତ୍ରା ବଢ଼ିଚାଲିଥିବାରୁ ସରକାରୀ ଭାବେ ଜିଲ୍ଲାବ୍ୟାପି ଜଳଛତ୍ର ଖୋଲାଯିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଭିତ୍ତିକରି ବିଭିନ୍ନ ଜାଗାରେ ଜଳଛତ୍ର ଖୋଲାଯାଇଛି; ହେଲେ ଏଥିରେ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ବିଭିନ୍ନ ଜାଗାରେ ଜଳ ଛତ୍ର ଖାଲି ରହିଛି। ଠିକ୍ ଆବଶ୍ୟକ ସମୟରେ ଖୋଲାଯାଉ ନ ଥିବାରୁ ଲୋକେ ସୁଫଳ ପାଇପାରୁ ନାହାନ୍ତି। ଖୋଦ ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ଦେଖିବାକୁ ମିଳିଛି। ବର୍ତ୍ତମାନ ନିର୍ବାଚନ ସମୟ ହେତୁ ଜିଲ୍ଲା ମୁଖ୍ୟାଳୟକୁ ସବୁବେଳେ ଲୋକଙ୍କ ଯିବା ଆସିବା ହେଉଥିବାରୁ ଭିଡ଼ ଜମୁଛି। ଏଭଳି ସ୍ଥିତିରେ ଲୋକେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଏହା ଯଦି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସ୍ଥିତି ତେବେ ଅନ୍ୟଜାଗାର ସ୍ଥିତି କ'ଣ ହେଉଥିବା ତାହା ଜଳ ଜଳ ଦିଶୁଛି।

## ନୂଆପଡ଼ାରେ ପ୍ରଚଣ୍ଡ ଖରା; ଜନଜୀବନ ଅସ୍ତବ୍ୟସ୍ତ

**ନୂଆପଡ଼ା, ୨୫।୪(ସମିସ):** ନୂଆପଡ଼ା ଜିଲ୍ଲାରେ ଗୁରୁବାର ଚଳିତ ବର୍ଷର ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ତାପମାତ୍ରା ୪୩.୫ଡିଗ୍ରୀ ରହିଥିଲା। ଏହା ସାଧାରଣ ଜନଜୀବନକୁ ପ୍ରଭାବିତ

**ତାପମାତ୍ରା ୪୩.୫ଡିଗ୍ରୀ**

କରିଛି। ସପ୍ତାହେ ହେବ ଜିଲ୍ଲାରେ ପାରଦ ୪୩ ଡିଗ୍ରୀ ଉପରେ ରହୁଛି। ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜିଲ୍ଲା ସଦର ମହକୁମା ସମେତ ସମସ୍ତ ଗାଁ, ସହର ଜନଶୂନ୍ୟ ହୋଇପଡୁଛି। ରାସ୍ତାରେ କାଁ ଭାଁ ଗାଡି ମୋଟର ଯିବା ଆସିବା କରୁଛି। ବିଶେଷ କରି ଦୋକାନ ବଜାର ବନ୍ଦ ହେବାରୁ ସାଧାରଣ ବ୍ୟବସାୟୀଙ୍କ ଜୀବନ ଜୀବିକା ବନ୍ଦ ହୋଇଯାଉଛି। କାମଧନ୍ଦା ବନ୍ଦ ହୋଇପଡୁଥିବାରୁ ଖଟିଖିଆ, ମଜୁରୀଆ ଶ୍ରେଣୀର ଲୋକ ମଧ୍ୟ ପ୍ରଭାବିତ ହେଉଛନ୍ତି। ଗତ ବର୍ଷ ଏପ୍ରିଲରେ ଏଠିକାର ତାପମାତ୍ରା ୩୮ରୁ ୪୦ଡିଗ୍ରୀ ରହୁଥିବାବେଳେ ଏବର୍ଷ ଏହା ସବୁବେଳେ ୪୩ ଡିଗ୍ରୀ ରହୁଛି। ଗୁରୁବାର ଦିନ ରେକର୍ଡ କରାଯାଇଥିବା ରାଜ୍ୟ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୩.୮ ରହିଥିବାବେଳେ ତା ତଳକୁ ଦ୍ୱିତୀୟରେ ପାରାଦୀପର ତାପମାତ୍ରା ୪୩.୬ ରହିଛି। ରାଜ୍ୟର ତୃତୀୟ ସ୍ଥାନରେ ନୂଆପଡ଼ା ଜିଲ୍ଲାର ତାପମାତ୍ରା ରହିଥିବା ସରକାରୀ ଭାବେ କୁହାଯାଇଛି।

## କୁହିମୁଣ୍ଡା ଗାଁକୁ ନାହିଁ ରାସ୍ତା

**ଦେଓଗାଁ, ୨୫।୪(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ କୁହିମୁଣ୍ଡା ଗାଁକୁ ଏଯାଏଁ ଏକ ସ୍ଥାୟୀ ରାସ୍ତା ନାହିଁ।




ଫଳରେ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଗତ ସାଧାରଣ ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ସମୟରେ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେବାପରେ ପ୍ରଶାସନ ପକ୍ଷରୁ ଉପ-ଜିଲ୍ଲାପାଳ, ତହସିଲଦାର ଓ ଥାନାଧିକାରୀ ଗାଁକୁ ଆସି ଲୋକଙ୍କ ସହ ଆଲୋଚନା କରି ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦେବାପରେ ଭୋଟବର୍ଜନ ଆନ୍ଦୋଳନ ସ୍ଥଗିତ ହୋଇଥିଲା। ନିର୍ବାଚନ ପରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇ କାମ ମଧ୍ୟ ଆରମ୍ଭ ହୋଇଥିଲା। ହେଲେ କୌଣସୀ କାରଣ ବଶତଃ ରାସ୍ତାକାମ ଅଧାରୁ ସ୍ଥଗିତ ରହିଛି। କାମ ସ୍ଥଗିତ ପରେ ପ୍ରଶାସନକୁ ଗ୍ରାମବାସୀ ବାରମ୍ବାର ରାସ୍ତାକାମକୁ ତ୍ୱରାନ୍ୱିତ କରିବାପାଇଁ

### ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଲେ ଗ୍ରାମବାସୀ

ଅନୁରୋଧ କରିଥିଲେ ହେଁ ଏଦିଗରେ କୌଣସୀ ପଦକ୍ଷେପ ଗ୍ରହଣ କରାଯାଇନି। ଏନେଇ ପୁନଶ୍ଚ ଗାଁରେ ଏକ ସଭା କରାଯାଇ ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ଗାଁକୁ ସ୍ଥାୟୀରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଗ୍ରାମବାସୀ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି। ଏନେଇ ଗାଁ ମୁଣ୍ଡରେ ଏକ ବ୍ୟାନର ଲଗାଯାଇ ଗାଁକୁ କୌ÷ଣସୀ ନେତା ଭୋଟ ପାଇଁ ଆସିଲେ ବାରଣ କରାଯିବ ବୋଲି ଗ୍ରାମବାସୀ ରୋକଠୋକ ଶୁଣାଇଛନ୍ତି। ଏଣୁ ଏଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବଳ ଗୋଟାଉଛନ୍ତି ଘାସିରାମ





**ସାହସ ଦେଲେ ଗରିବ ସେନାର ୨ଶହ କର୍ମୀ**

**ନୂଆପଡ଼ା, ୨୫।୪(ସମିସ)**

କଂଗ୍ରେସରେ ଦୀର୍ଘ ଦିନ ଧରି କାମ କରିଥିବା ପୂର୍ବତନ ଜିଲ୍ଲା ସଭାପତି ଘାସିରାମ ମାଝୀଙ୍କୁ ଦଳ ନିରାଶ କରିଛି। ଦଳ ତାଙ୍କୁ ଏଥର ନିର୍ବାଚନ ଲଢିବାକୁ ଟିକଟ ଦେଇନି। ଏଣୁ ଆଦିବାସୀ କଲ୍ୟାଣ ସଂଘର ନିଷ୍ପତ୍ତି କ୍ରମେ ସେ ନୂଆପଡ଼ା ବିଧାନ ସଭା ଆସନ ଲାଗି ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରଛନ୍ତି। ତେବେ ଏହି ଆସନ ଲାଗି କଂଗ୍ରେସରୁ ନାମାଙ୍କନ ଭରିଥିବା ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କୁ ଧରାଶାୟୀ କରିବାକୁ ସେ ବଳ ଗୋଟାଉଛନ୍ତି। ଏହିକ୍ରମରେ ଗୁରୁବାର ସ୍ଥାନୀୟ ଗୋଡଫୁଲା ଖଳ ପଡ଼ିଆରେ ୨ଶହରୁ ଊର୍ଦ୍ଧ୍ୱ ଗରିବ ସେନାର କର୍ମକର୍ତ୍ତା ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସହ ହାତ ମିଳାଇଛନ୍ତି। ସେମାନେ ଘାସିରାମଙ୍କୁ ସାହସ ଦେଇଛନ୍ତି। ଗରିବସେନାର ସଭାପତି ରବୀନ୍ଦ୍ର ମଙ୍ଗରାଜଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଖିଳ ଭାରତୀୟ ଗୋଣ୍ଡ ସମାଜର ଉପସଭାପତି ଖାମସିଂ ମାଝୀ, ଆଦିବାସୀ କଲ୍ୟାଣ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଭାନୁପ୍ରତାପ ସିଂ ମାଝୀ, ସଭାପତି ବାଳକୃଷ୍ଣ ମାଝୀ, ହୋମସିଂ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରି କୁଳଦୀପ, ଦୁଷ୍ମନ୍ତ ଦୁରିଆ, ଗଦାଧର ମାଝୀ, ସୁବାଷ ଆଡବଙ୍ଗ, ଧର୍ମରାଜ, ସୁଶାନ୍ତ ଜଗତ, ଲଛମନ ତାଣ୍ଡି, ବେଲେଶ୍ୱର ସାହୁ, ନାରୁ ପାଣ୍ଡେ, ଯୋଗେଶ୍ୱର ପାଣ୍ଡେ, ଘାସି ସଗରିଆ, ଦେବେନ୍ଦ୍ର ବାଗ, ଖଗେଶ୍ୱର ଦୀପ, ସାଗର କରୁଆଁ, ଭିବେ କାନ୍ତ କଟା, ସୁନ୍ଦର ଚିନ୍ଦା, ପିଣ୍ଟୁ ମାଝୀ, ନାଥୁରାମ ମାଝୀ, ଅକାମ ଦୀପ, ସୁକୁମାର ସାହୁ, କିରନ ବାଗ, ଅରକରାମ ପାଣ୍ଡେ, ଚମଲ ଲାଲ, ନରେଜ ଯାଦବ, ପ୍ରଦୀପ ସତନାମୀ, ମହେଶ ସୁନା, ବିଦୁର ଦୁରିଆ, ରାଇତୁ ରଣା ପ୍ରମୁଖ ଉପସ୍ଥିତ ଥିଲେ।

**ମଦ ବେପାରୀଙ୍କ ନିର୍ବାଚନ ଟାର୍ଗେଟ, ଗଳିକନ୍ଦିରେ ବଢୁଛି କୁଚିଆ ବ୍ୟବସାୟୀ**

## ସବୁଜାଣି ନ ଜାଣିଲାପରି ରହିଛି ଅବକାରୀ ଓ ପୁଲିସ ବିଭାଗ

**ଦେଓଗାଁ, ୨୫।୪ (ସମିସ):** ବଲାଙ୍ଗିର ନିର୍ବାଚନମଣ୍ଡଳୀର ଦେଓଗାଁ ବ୍ଲକ ସବୁବେଳେ ଚର୍ଚ୍ଚାରେ ରହିଆସିଥାଏ। ତେବେ ଆଗକୁ ନିର୍ବାଚନୀ ତାତି ବଢ଼ିବାରେ ଲାଗିଥିବା ବେଳେ ଏହି ବ୍ଲକର ବିଭିନ୍ନ ଗାଁ ଉପରେ ମଦ ବେପାରୀଙ୍କ ଟାର୍ଗେଟ ରହିଥିବା ଅଭିଯୋଗ ହେଉଛି। ପ୍ରଶାସନର କଡା ତାଗିଦ ସତ୍ତ୍ୱେ ମଦ ମାଫିଆମାନେ ଦିନକୁ ଦିନ ଗାଁ ମାନଙ୍କରେ ନୂତନ କୁଚିଆ ବ୍ୟବସାୟୀ ବଢ଼ାଇଚାଲିଥିବା ବେଳେ ଦେଓଗାଁର ପ୍ରାୟ ସବୁ ଛକରେ ଅବାଧରେ ଦେଶୀବିଦେଶୀ ମଦ ବିକ୍ରି ଆରମ୍ଭ ହୋଇଛି। ଏନେଇ ଅବକାରୀ ବିଭାଗ ତଥା ପୁଲିସ ବିଭାଗ ସବୁଜାଣି ଶୁଣି ହାତବାନ୍ଧି ବସିଥିବା ଅଭିଯୋଗ ହେଉଛି। ମଦ ସହ କଫ ସିରପ(କୋରେକ୍ସ) ଓ ଗଞ୍ଜେଇ ଆଦି ନିଶା କାରବାର ମଧ୍ୟ ଅବାଧରେ ଚାଲିଥିବା ଅଭିଯୋଗ ହେଉଛି। ଏପରିକି ଗାଁର କଲେଜ ଛକ, ଏଟିଏମ ଛକ, ରଣାପଡ଼ା, ସାହୁପଡ଼ା, ଟାଙ୍ଗର ଛକ, ମାଷ୍ଟରପଡ଼ା, ବଙ୍ଗଳାଛକ, ସାଗରପାଲି ଛକ ଆଦି ବିଭିନ୍ନ ସ୍ଥାନମାନଙ୍କରେ ଅବାଧରେ ଦେଶୀ ଓ ବିଦେଶୀ ମଦ କାରବାର ଅାହେତୁକଭାବେ ବୃଦ୍ଧି ପାଇବାରେ ଲାଗିଛି। ବଲାଙ୍ଗିର ବିଜାଖମନ ନିକଟ ଓ ତୁଷୁରାରୁ କିଛି ମଦ ମାଫିଆ ପ୍ରତ୍ୟହ ବିଦେଶୀ ମଦ ବାଇକ ଓ ଚାରିଚକିଆ ଗାଡିରେ ଯୋଗାଣ କରୁଥିବା ବେଳେ ଜରାସିଂହା ପଟରୁ ବାରମ୍ବାର ଅପମିଶ୍ରଣ ଦେଶୀ ମଦ ଦେଓଗାଁକୁ ଆସୁଥିବା କିଛି ଲୋକ ଅଭିଯୋଗ କରିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ପାଇଁ ସବୁଦଳ ତରଫରୁ ପ୍ରଚାର ଜୋର ଧରିବା ବେଳକୁ ମଦର ଚାହିଦାକୁ ଦୃଷ୍ଟିରେ ରଖି ଅନେକ କୁଚିଆ ମଦ ଗଚ୍ଛିତ ରଖିବାପାଇଁ ଯୋଜନା ଚଳାଇଛନ୍ତି। ଏତିକିବେଳେ କିଛି ବ୍ୟବସାୟୀ ସ୍ଥାନୀୟ ପୁଲିସ ଓ ଅବକାରୀଙ୍କ ସହ ଭିତିରି ବୁଝାମଣା କରିବା ଉଦ୍ୟମ କରୁଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଅବାଧ ମଦ ବିକ୍ରି ଉପରେ ଏବେଠୁ କଟକଣା ନ କଲେ ଆଗକୁ ନିର୍ବାଚନ ସରଗରମ ହେବାବେଳେ ଅନେକ ସ୍ଥାନରେ ମଦୁଆଙ୍କ ଉପଦ୍ରବ ସହ ଅରାଜକତା ବୃଦ୍ଧିପାଇବା ସୁନିଶ୍ଚିତ ବୋଲି ମତପ୍ରକାଶ ପାଇଛି। ଏଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## କେନାଲରେ ପାଣି ଅଭାବ

# ୨୫ ଏକର ଧାନ ଫସଲ ନଷ୍ଟ, ଚିନ୍ତାରେ ଚାଷୀ





**ଚାରବାହାଲ, ୨୫।୪(ସମିସ)**

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚାରବାହାଲରେ କେନାଲ ପାଣି ଅଭାବରୁ ପ୍ରାୟ ୨୫ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହୋଇଯାଇଛି। କୁସୁମଖୁଣ୍ଟି ଅଧିନସ୍ଥ ଘୁମେରଗୁଡ଼ା ସବ ମାଇନର କେନାଲ ଘୁମେରଗୁଡ଼ାରୁ କୋଟାନିଆ ପଡ଼ା ପର୍ଯ୍ୟନ୍ତ ପ୍ରାୟ ଚାରି କିଲୋମିଟର ଯାଇଛି। ଉପର ମୁଣ୍ଡରେ ଥିବା କିଛି ମୁଷ୍ଟିମେୟ ଚାଷୀ ନିଜର ଚାଷ ଜମି ସହିତ ନିଜ ନିଜ ପୋଖରୀକୁ ବେଆଇନ ଭାବରେ ପାଣି ନେଉଥିବାରୁ ତଳମୁଣ୍ଡର ଚାଷୀଙ୍କ ଜମିକୁ ପାଣି ଆସୁନାହିଁ। ଫଳରେ ବର୍ଷ ତମାମ ଚାଷୀମାନେ ଯେଉଁ ଧାନ ଫସଲ କରୁଛନ୍ତି ଠିକ୍ ଧାନ ପାଚିବା ସମୟରେ ଜମିକୁ ପାଣି ଆସୁ ନ ଥିବାରୁ ଧାନ ସବୁ ପୋଡ଼ିଗଲାଣି। ଏହି କେନାଲ ଉପରେ ତଳମୁଣ୍ଡର ଚାଷୀ ଚାଷ କାର୍ଯ୍ୟ ପାଇଁ ମୁଖ୍ୟତଃ ନିର୍ଭର କରୁଛନ୍ତି। ଅଞ୍ଚଳର ଚାଷୀମାନେ ବିଶେଷ କରି ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଚାଷବାସ ପାଇଁ କେନାଲ ପାଣି ହିଁ ମୁଖ୍ୟ ଭରସା। ହେଲେ ତଳମୁଣ୍ଡର ଚାଷୀମାନେ ଜଳସେଚନ ଅଭାବରୁ ବର୍ଷ ତମାମ ଚାଷ କରି ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି। ଚାଷୀ ପ୍ରଦ୍ୟୁମ୍ନ ସାହୁ, ପ୍ରବୀଣ ସାହୁ, ଗୋପାଳ ସାହୁ, ସୁଶାନ୍ତ ସାହୁ ବାରମ୍ବାର ସ୍ଥାନୀୟ କେନାଲ ଡିଭିଜନର ଯନ୍ତ୍ରୀଙ୍କୁ ଯେତେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ କରିଛନ୍ତି। ଚାରବାହଲ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ଧାନ ଫସଲ ନଷ୍ଟ ହୋଇଥିବା ଜଣାଇବାରେ ସେ ଚାଷ ଜମି ପରିଦର୍ଶନ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇ କ୍ଷତିପୂରଣ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ● ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ

# ଲୋକସଭା ପାଇଁ ୩ ଓ ବିଧାନସଭା ପାଇଁ ୨୧ ନାମାଙ୍କନପତ୍ର ଦାଖଲ

**ଭବାନୀପାଟଣା, ୨୫।୪(ସମିସ):** ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଗୁରୁବାର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ନିକଟରେ କଳାହାଣ୍ଡି ଲୋକସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ରୂପେ ଧର୍ମାନନ୍ଦ ଗହୀର ଓ ରାଜାରାମ ସାହୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସମାଜବାଦୀ ପାର୍ଟିରୁ ଶିବ ହାତୀ ମଧ୍ୟ ପାର୍ଥିପତ୍ର ଦାଖଲ କରିଛନ୍ତି। ଭବାନୀପାଟଣା ଆସନରେ ବିଧାୟକ ପ୍ରାର୍ଥୀ ପାଇଁ ୭ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଛାୟାକାନ୍ତି ଖମାରୀ, ରମେଶ କୁମାର ମହାନନ୍ଦ, ସଞ୍ଜୟ ସୁନାନୀ, ରୋହିତ ଦୁର୍ଗା (ସ୍ୱାଧୀନ), ରମେଶ ନାୟକ (ଆମ ଆଦମୀ ପାର୍ଟି), ସୁଗ୍ରୀ ଦୀପ (ବହୁଜନ ସମାଜ ପାର୍ଟି) ଓ ଦୁର୍ଯ୍ୟୋଧନ ଠାକୁର (ସମାଜବାଦୀ ପାର୍ଟି) ପ୍ରମୁଖ ଭବାନୀପାଟଣା ଉପଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଧର୍ମଗଡ଼ ଆସନ ପାଇଁ ୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସୌମ୍ୟରଞ୍ଜନ ନାୟକ, ହେରାମ୍ବ ସେନାପତି, ପ୍ରହଲ୍ଲାଦ ଅଗ୍ରୱାଲ, ସନ୍ତୋଷ କୁମାର ଭୋଇ (ସମାଜବାଦୀ ପାର୍ଟି), ଟଙ୍କଧର ଶବର (ଅଲ ଇଣ୍ଡିଆ ଫରୱାଡ଼ ବ୍ଲକ), ରୂପଧର ନାୟକ (ବହୁଜନ ସମାଜ ପାର୍ଟି) ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଜୁନାଗଡ଼ ଆସନ ପାଇଁ ରାଜେନ୍ଦ୍ର ବୈଠାରୁ (ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ) ଏଡିଏମ୍ ତ୍ରିଲୋଚନ ପାତ୍ରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଲାଞ୍ଜିଗଡ଼ ବିଧାନସଭା ଆସନ ପାଇଁ ୩ ଜଣ ପ୍ରାର୍ଥୀ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ରାଜ୍ଵି ନାଏକ (ସମାଜବାଦୀ ପାର୍ଟି), ଫୁଲମେ ମାଝୀ (ସ୍ୱାଧୀନ), ଉଦ୍ଧବ ନାଏକ (ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ) ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିଭଳି ନର୍ଲା ଆସନ ପାଇଁ ୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଶଶିଦେବ ହରିଜନ (ନେସନାଲ୍ ଅଗ୍ନି ପାର୍ଟି), କାଜଲ ପଟ୍ଟନାୟକ (ଓଡ଼ିଶା ଜନତା ପାର୍ଟି), ଟିକେମଣି ଦୀପ (ସ୍ୱାଧୀନ) ଓ ରାଧାରାଣୀ ଜାଲ (ସ୍ୱାଧୀନ) ଭାବେ ଭବାନୀପାଟଣା ଜିଲ୍ଲା ପରିଷଦ ସିଡିଓଙ୍କଠାରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ● ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସ

# ଧର୍ମଗଡ଼ରୁ ୪ ଓ ଜୁନାଗଡ଼ରୁ ଜଣେ ପ୍ରାର୍ଥିପତ୍ର ଦାଖଲ କଲେ

**ଧର୍ମଗଡ଼, ୨୫।୪(ସମିସ):** ଧର୍ମଗଡ଼ ନିର୍ବାଚନମଣ୍ଡଳୀ ପାଇଁ ଗୁରୁବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ୪ଜଣ ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମାଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବରେ ଯୁବ ସାମ୍ବାଦିକ ସୌମ୍ୟରଞ୍ଜନ ନାଏକ, ନବ ନିର୍ମାଣ କୃଷକ ସଙ୍ଗଠନ ସମର୍ଥିତ ସାମ୍ବାଦିକ ହେରମ୍ବ ସେନାପତି, ସମାଜବାଦୀ ପାର୍ଟି ତରଫରୁ ସନ୍ତୋଷ କୁମାର ଭୋଇ, ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ତରଫରୁ ଟଙ୍କଧର ଶବର ବିଧାୟକ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସମସ୍ତେ ନିଜନିଜ ସମର୍ଥକଙ୍କ ସହ ମାଁ ଭଣ୍ଡାରଘରଣୀଙ୍କ ଆଶୀର୍ବାଦ ନେଇ ଶୋଭାଯାତ୍ରାରେ ଆସି ଉପଜିଲ୍ଲାପାଳ ନିକଟରେ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଜୁନାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ତରଫରୁ ରାଜେନ୍ଦ୍ର ବୈଠାରୁ ମଧ୍ୟ ଧର୍ମଗଡ଼ଠାରେ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ରଙ୍କ ଠାରେ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ବିଜେଡି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ନିର୍ବାଚନୀ ପ୍ରଚାର



**ଧର୍ମଗଡ଼, ୨୫।୪(ସମିସ):** ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ତିନି ପ୍ରମୁଖ ଦଳ ବିଜେଡ଼ି, ବିଜେପି ଓ କଂଗ୍ରେସ ପକ୍ଷରୁ ନାମାଙ୍କନପତ୍ର ଦାଖଲ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଜେଡି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ରାହ୍ମଣଛେଣ୍ଡିଆ ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁ ଗସ୍ତ କରି ଲୋକଙ୍କୁ ଭୋଟ ଭିକ୍ଷା କରିଛନ୍ତି। ସେ କର୍ମୀ ଓ ସାଧାରଣ ଜନତାଙ୍କୁ ଭେଟିବା ସହ ଗାଁରେ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଶଙ୍ଖନାଦ ବାଗ, ସଞ୍ଜୟ ନାଏକ, ସାରଦା ପଣ୍ଡା, ଗଜିନ୍ଦ୍ର ମୁଣ୍ଡ, ବିକାଶ ପାତ୍ର, ରମେଶ ଦାସ, ଲାଲୁ ଶବର, ରବି ନାଏକ, ନକୁଳ ମାଝୀ, ପଙ୍କଜିନୀ ପୋଡ଼, ମାଳତୀ ବାଗଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଏହି ଜନସମ୍ପର୍କ କାର୍ଯ୍ୟକ୍ରମରେ ବିଜେଡି ନେତା ଟିକମନ ଯାଦବ, ଡାକେଶ୍ୱର ଲହଜଲ, ପ୍ରମୋଦ ହଂଶ ଓ ଦଳୀୟ କର୍ମୀ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଓ ଧର୍ମଗଡ଼ ନିର୍ବାଚନମଣ୍ଡଳୀର ବିକାଶମୂଳକ କାର୍ଯ୍ୟସୂଚୀକୁ ନେଇ ଲୋକଙ୍କ ପାଖରେ ପହଞ୍ଚି ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ ଡବଲ ଶଙ୍ଖରେ ଭୋଟ ଦେବାପାଇଁ ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ।

# ଐତିହାସିକ ମିହିରେନ୍ଦ୍ର ପ୍ରତାପଙ୍କ ପରଲୋକ

**ମ.ରାମପୁର,୨୫।୪(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ରାଜା ପରିବାରର ସଦସ୍ୟ ତଥା ବିଶିଷ୍ଟ ଐତିହାସିକ ମିହିରେନ୍ଦ୍ର ପ୍ରତାପ ସିଂହଦେଓଙ୍କର ବୁଧବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କର ମୁଣ୍ଡରେ ଟ୍ୟୁମର ହୋଇଥିବାରୁ ସେ ବାଙ୍ଗାଲୋରର ଏକ ଘରୋଇ ଡାକ୍ତରଖାନାରେ ଅସ୍ତ୍ରୋପଚାର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି।



ମୃତ୍ୟୁଶଯ୍ୟା ନିକଟରେ ପୁଅ କୁମାର ନୀଖିଳେନ୍ଦ୍ର ପ୍ରତାପ ସିଂହଦେଓ ଏବଂ ପୁତ୍ରବଧୂ ଶ୍ୱେତା ଦେବୀ ଉପସ୍ଥିତ ଥିଲେ। ନୀଖିଳେନ୍ଦ୍ରଙ୍କ ବଡବାପା ବୁଧେନ୍ଦ୍ର ପ୍ରତାପ ସିଂହଦେଓ ଓ ଆତ୍ମୀୟସ୍ୱଜନ ବେଙ୍ଗାଲୁର ଗସ୍ତ କରିଛନ୍ତି। ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମିହିରେନ୍ଦ୍ରଙ୍କ ପରଲୋକ ଖବର ପ୍ରଚାର ହେବାରେ ମ. ରାମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପେଷାରେ ଆଇନଜୀବୀ ଥିବା ମିହିରେନ୍ଦ୍ର କଳାହାଣ୍ଡିର ଇତିହାସକୁ ନେଇ ଗବେଷଣା କରିବା ସହ ସେ ଦୁଇଟି ପୁସ୍ତକ ରଚନା କରିଛନ୍ତି।

# ବିଏମ୍‌ପି ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**କୋକସରା, ୨୫।୪(ସମିସ):** ଧର୍ମଗଡ଼ ବିଧାନସଭା କ୍ଷେତ୍ର ପାଇଁ ବହୁଜନ ମୁକ୍ତିମୋର୍ଚ୍ଚାର ପ୍ରାର୍ଥୀ ରୂପାଧର ନାଏକ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ନିଜ ସମର୍ଥକଙ୍କ ଗହଣରେ ଧର୍ମଗଡ଼ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନପତ୍ର ଦାଖଲ ବେଳେ ବହୁଜନ ମୁକ୍ତି ପାର୍ଟି କଳାହାଣ୍ଡି ଜିଲ୍ଲା ସଭାପତି ନିର୍ମଳ ଜାଲଙ୍କ ସମେତ ଜୁନାଗଡ଼ ବିଧାନସଭା ପ୍ରାର୍ଥୀ



ସୁଧାନିଧି ନାଏକ, ଧବଳେଶ୍ୱର ଗୌଡ, ଡମବୁଡା ଧଙ୍ଗଡମାଝି, ବିଶେଶ୍ୱର ଦାସ, ନୀଳାମ୍ବର ଧଙ୍ଗଡାମାଝି, ସଞ୍ଜୀବ କୁମାର ଦାସ, ଲକ୍ଷ୍ମଣ ଦାସ, ହିମାଂଶୁ ନାଏକ ଓ ଚୈତନ୍ୟ ନାଏକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ମତଦାନ ସଚେତନତା ଶୋଭାଯାତ୍ରା




**ନର୍ଲା, ୨୫।୪(ସମିସ):** ଚଳିତ ସାଧାରଣ ନିର୍ବାଚନରେ ଶତପ୍ରତିଶତ ଭୋଟଦାନ କରିବାକୁ ନର୍ଲା ବ୍ଲକ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ରିପୁନାଥ ସୁନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଶୋଭାଯାତ୍ରରେ ନର୍ଲା ଚାରିଛକଠାରୁ ବାହାରି ସହର ପରିକ୍ରମା କରି ବ୍ଲକ କାର୍ଯାଳୟଠାରେ ପହଞ୍ଚିଥିଲ। ଏହି କାର୍ଯ୍ୟକ୍ରମରେ ଏବିଡିଓ ଦେବେନ୍ଦ୍ର ସାମଲ ତଥା ନର୍ଲା ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ସାମିଲ ଥିଲେ। 'ମୁଁ ଭୋଟ୍ ଦେବି, ଆପଣ ସମସ୍ତେ ମଧ୍ୟ ଭୋଟ୍ ଦିଅନ୍ତୁ' ବୋଲି ସମସ୍ତଙ୍କୁ ଆହ୍ୱାନ ଦିଆଯାଇଛି।

# ବ୍ଲକ ପ୍ରଶାସନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ




**ଥୁଆମୂଳ ରାମପୁର, ୨୫।୪(ସମିସ):** ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପ୍ରଶାସନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଆସନ୍ତା ମଇ ୧୩ ତାରିଖରେ ଭୋଟ ଗ୍ରହଣ କାର୍ଯ୍ୟକ୍ରମ ରହିଥିବା ବେଳେ ଶତ ପ୍ରତିଶତ ମତଦାତା କିପରି ମତଦାନ କରି ଦେଶର ଭବିଷ୍ୟତ ନିର୍ମାଣ ପାଇଁ ନିଜର ବହୁମୂଲ୍ୟ ଭୋଟ ଦେବାରେ ଆଗ୍ରହ ରଖିବେ ସେଥିପାଇଁ ଏକ ଶୋଭାଯାତ୍ରା ମାଧ୍ୟମରେ ସଚେତନତା କରାଯାଇଛି। ଥୁଆମୂଳ ରାମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ, ତହସିଲ କାର୍ଯ୍ୟାଳୟ, କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଶିକ୍ଷା ବିଭାଗ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀ ତଥା କର୍ମଚାରୀ ଅଂଶଗ୍ରହଣ କରି ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ସହର ପରିକ୍ରମା କରି ସଚେତନତା ବାର୍ତ୍ତା ଦେଇଥିଲେ।

## ● ଭବାନୀପାଟଣା ସଦର ନିର୍ବାଚନମଣ୍ଡଳୀ

# ନାମାଙ୍କନ ପରେ ଚଳଚଞ୍ଚଳ ବିଜେଡି ଶିବିର

**କେସିଙ୍ଗା, ୨୫।୪(ସମିସ):** ନାମାଙ୍କନପତ୍ର ଦାଖଲ ପରେ ଚଳଚଞ୍ଚଳ ହୋଇଉଠିଛି ବିଜେଡି ଶିବିର। ବଢ଼ିଯାଇଛି କର୍ମୀଙ୍କ ପରିଶ୍ରମ ଆଉ ତୁହାକୁତୁହା ଜନସମ୍ପର୍କ କାର୍ଯ୍ୟକ୍ରମ। ୱାର୍ଡସ୍ତରୀୟ ସଂକଳ୍ପ ସମାବେଶ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଚାଲିଥିବା ବେଳେ ଥକିପଡୁ ନାହାନ୍ତି କର୍ମୀ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ନେତାଙ୍କଠୁ ଆରମ୍ଭ କରି କର୍ମୀ ପର୍ଯ୍ୟନ୍ତ କେହି ଖାତିର କରୁନାହାନ୍ତି ୪୩ ଡିଗ୍ରୀ ଖରାକୁ। କେସିଙ୍ଗାରେ ବିଜେଡିକୁ ବଳଶାଳୀ କରିବା ପାଇଁ କର୍ମୀଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି। କେସିଙ୍ଗା ଏନଏସିର ୧୨ ଗୋଟି ୱାର୍ଡରେ ପ୍ରତିଦିନ ଚାଲିଛି ଛୋଟବଡ଼ ଜନସମ୍ପର୍କ ସମାବେଶ, କର୍ମୀ ସମ୍ମିଳନୀ ସହିତ ମିଶ୍ରଣ ପର୍ବ। ମୁଖ୍ୟତଃ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ଟାଉନ ସଭାପତି ରମେଶ ପଟ୍ଟନାୟକ, ଯୁବନେତା ଶିଲୁ ପରିଡ଼ା, ଟାଉନ ଯୁବ ସଭାପତି ରଞ୍ଜନ ବେହେରା ଓ ୧୦ ଜଣ କାଉନସିଲରଙ୍କ ସମେତ କେସିଙ୍ଗା ବିଜେଡି ଆଗ ଧାଡିର ପ୍ରମୁଖ କର୍ମୀଙ୍କ ନେତୃତ୍ୱରେ ଚାଲିଛି ତୁହାକୁ ତୁହା ବୈଠକ। କର୍ମୀ ଓ ପଦାଧିକାରୀଙ୍କ ପରିଶ୍ରମ ଦେଖି ଲାଗୁଛି ବିଜେପି ଓ କଂଗ୍ରେସ ଦଳଠାରୁ ଚଳିତ ନିର୍ବାଚନରେ ସଙ୍ଗଠନ ଓ ପ୍ରଚାରରେ ବିଜେଡି ଯଥେଷ୍ଟ ଆଗରେ ଅଛି।

# ମ.ରାମପୁର ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ମ.ରାମପୁର, ୨୫।୪(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରଠାରେ ନରଲା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର କାର୍ଯ୍ୟାଳୟକୁ ବିଧାୟିକା ପ୍ରାର୍ଥିନୀ ମନୋରମା ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପରେ ଅନୁଷ୍ଠିତ ସଭାରେ ଚଳିତ ନିର୍ବାଚନରେ କିଭଳି ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥିନୀ ମନୋରମା ମହାନ୍ତିଙ୍କୁ ବିଜୟୀ କରାଯିବ ତା ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ଆସିଥିବା କର୍ମୀମାନେ ନିଜ ନିଜର ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲା ସଂପାଦକ ଟିକେଲାଲ ସାହୁ, ଜିଲ୍ଲା ବିଜୁ ଜନତା ଦଳ ଯୁବ ସଭାପତି ଆଦିତ୍ୟ ନନ୍ଦ, ମ.ରାମପୁର ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଶତପଥୀ, ନରଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଯୁବ ନେତା ବିକାଶ ରଞ୍ଜନ ସିଂହଦେଓ, ପଞ୍ଚାୟତ ସଭାପତି ପ୍ରଦୀପ ପାଣିଗ୍ରାହୀ, ବ୍ଲକ ଯୁବ ସଭାପତି ସତ୍ୟ ନାରାୟଣ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୀବେଶ ପଣ୍ଡା, ଭବାନୀ ସାହୁ, ରାକେଶ ଶତପଥୀ, ପ୍ରେମ ସାଗର ନାଏକ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ନୂଆପଡ଼ାର ମୁଣ୍ଡଫଟା ତାତି; ମାରୁଛି ଜୀବନଜୀବିକା







**ନୂଆପଡ଼ା, ୨୫।୪(ସମିସ)**

ନୂଆପଡ଼ା ଜିଲ୍ଲାର ଭୌଗୋଳିକ ସ୍ଥିତି କହିଲେ ସମୁଦ୍ର ପତନରୁ ହଜାରେ ଫୁଟ ଉଚ୍ଚରେ ଅବସ୍ଥିତ ଏକ ପାହାଡି ଉପତ୍ୟକା। ରାଜ୍ୟ ରାଜଧାନୀଠାରୁ ୬ଶହ କିମି ଦୂର ଛତିଶଗଡ଼ ସୀମାନ୍ତରେ ଥିବା ନୂଆପଡ଼ା ଜିଲ୍ଲାରେ ଶୀତ ଦିନେ ଶୀତର ଲହରୀ ଯେତିକି ଖରା ଦିନେ ଏଠାରେ ତାପମାତ୍ର ମଧ୍ୟ ବୁକୁଫଟା ହୋଇଥାଏ। ଏଠିକାର ତାପମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ୨୦ ବର୍ଷ ତଳେ ଏଠିକାର ତାପାମାତ୍ରା ଏପ୍ରିଲରେ ୩୦/୩୨ଡିଗ୍ରୀ ଛୁଉଁଥିବାବେଳେ ବର୍ତ୍ତମାନ ଏହା ୪୪ଡିଗ୍ରୀରେ ପହଞ୍ଚିଛି। ଏହା ସାମଗ୍ରୀକ ଭାବେ ଏଠିକାର ଲୋକଙ୍କ ଜୀବନ ଜୀବିକାକୁ ମଧ୍ୟ ପ୍ରଭାବିତ କରିଛି। ଆଜିକୁ ସପ୍ତାହକର ରିପୋର୍ଟକୁ ଲକ୍ଷ୍ୟ କଲେ ଲଗାତାର ଜିଲ୍ଲାର ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଛି। ଗତ ସୋମବାର ୪୩ଡିଗ୍ରୀ, ମଙ୍ଗଳବାର, ବୁଧବାର ୪୩ ଡିଗ୍ରୀ ଏବଂ ଗୁରୁବାର ୪୪ଡିଗ୍ରୀ ରହିଥିଲା। ଏଠାରେ ପ୍ରବଳ ଖରା ଯୋଗୁଁ ଜିଲ୍ଲାବ୍ୟାପି ଗାଁଠୁ ସହର ଶୂନ ଶାନ ହୋଇପଡୁଛି। ସକାଳ ୮ଟାରୁ ସଂଧ୍ୟା ୫ଟାଯାଏଁ ସହର ବଜାର, ରାସ୍ତା ଘାଟ ଖାଲି ପଡ଼ିଯାଉଛି। ସାଧାରଣ ଖଟିଖିଆ ଲୋକେ ମଧ୍ୟ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ସହର ଗୁଡିକରେ ଥିବା ଉଠା ଦୋକାନୀ ଗୁଡିକ ମଧ୍ୟ ବନ୍ଦ ହୋଇପଡୁଥିବାରୁ ଏମାନଙ୍କ ପେଟପାଟଣା ପ୍ରଭାବିତ ହେଉଛି। ଲୋକେ ସରବତ, ବରଫ ସହ ଥଣ୍ଡା ଜାତୀୟ ଖାଦ୍ୟ ଖାଇ ଗରମରୁ ତ୍ରାହି ତ୍ରାହି ଡାକୁଛନ୍ତି। ବିଶେଷ କରି ପାହାଡି ଅଞ୍ଚଳର ଗାଁଗୁଡ଼ିକରେ ସନ୍ଧ୍ୟା ହେଲେ ଝାଞ୍ଜି ପବନରୁ ବଞ୍ଚିବା କଷ୍ଟକର ହେଲାଣି। ରାଜ୍ୟରେ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ରହୁଥିବାବେଳେ ନୂଆପଡ଼ା ସବୁବେଳେ ଦ୍ୱିତୀୟ ଏବଂ ତୃତୀୟ, ଚତୁର୍ଥ ସ୍ଥାନରେ ରହୁଛି। ନୂଆପଡ଼ା ଜିଲ୍ଲାରେ ତିନି ଚତୁର୍ଥାଂଶ ପାହାଡ ପର୍ବତ ରହିଥିବାବେଳେ ଏଠାରେ ୩୦ପ୍ରତିଶତରୁ ଊର୍ଦ୍ଧ୍ୱ ପରିମାଣର ଜମି ଖରା ଦିନେ ଜଳ ସେଚିତ ରହୁଛି। ତଥାପି ଏଠାରେ କାହିଁକି ତାପମାତ୍ରା ବଢ଼ୁଛି ଲୋକେ ସହଜରେ ଜାଣିପାରୁନାହାନ୍ତି। ତଥାପି ପ୍ରତିଦିନ ସହରୀକରଣ ସହ ଲୋକଙ୍କ ସଚେତନତାର ଅଭାବକୁ ମଧ୍ୟ ବୁଦ୍ଧିଜୀବୀ ପରୋକ୍ଷରେ କିମ୍ବା ପ୍ରତ୍ୟକ୍ଷରେ ଦାୟୀ କରୁଛନ୍ତି। ଆଜିକୁ ପ୍ରାୟ ୧୦ ବର୍ଷ ହେଲା ଜିଲ୍ଲାର ଅଶି ପ୍ରତିଶତ ରାସ୍ତାରେ ପିଚୁ କିମ୍ବା କଂକ୍ରିଟକରଣ ହୋଇସାରିଛି। ତେଣୁ ଏ ସବୁର ତାପମାତ୍ରା ବିକିରଣ ମଧ୍ୟ ମୁଖ୍ୟ କାରଣ ହୋଇଛି ବୋଲି



ଲୋକେ କହୁଛନ୍ତି। ଏହିଭଳି ଜିଲ୍ଲାରେ ଅର୍ଦ୍ଧାଧିକ ଗାଁ ନିକଟରେ ଗଛକଟା ଯୋଗୁଁ ପାହାଡ ଲଣ୍ଡା ହୋଇଗଲାଣି। ଯାହା ବି ଗଛ ରହିଛି ତାହା ପାହାଡର ଗରମକୁ ସମ୍ଭାଳିପାରୁନାହିଁ। ଏହା ଫଳରେ ପ୍ରତିଦିନ ଗରମ ବଢ଼ୁଛି। ଅନ୍ୟପଟେ ଗରମ ଦିନେ ଇଟାଭାଟି ଲାଗୁଛି। ଜଙ୍ଗଲରେ ଅହେତୁକ ନିଆଁ ଲାଗି ଦିନରାତି ଜଙ୍ଗଲରୁ ଗରମ ତାତି ବୋହୁଛି। ଏଥିରେ ଗାଁ ଗୁଡିକ ଯେତିକି ଏହା ଜିଲ୍ଲାବ୍ୟାପି ମଧ୍ୟ ବାତାରବରଣକୁ ଗରମ ରଖୁଛି। ଏଭଳି ଯଦି ଆଗକୁ ଲାଗି ରହେ ଏହା ସାଧାରଣ ଜୀବନଯାତ୍ରା ପ୍ରତି ସଙ୍ଗୀନ ପରିସ୍ଥିତି ଆଣିବ ଏହାକୁ ଏଡାଇ ଦିଆଯାଇ ନ ପାରେ।

## ଯାମୁମାଳ ଗାଁରେ ପ୍ରାଥମିକ ଶିକ୍ଷା ଦିଗହରା

- ନାହିଁ ଅଙ୍ଗନବାଡ଼ି କେନ୍ଦ୍ର
- ପ୍ରାଥମିକ ବିଦ୍ୟାଳୟ ବନ୍ଦ



**ଶଗଡ଼ା, ୨୫।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଯାମୁମାଳ ଗାଁରେ ଅଙ୍ଗନୱାଡ଼ି କେନ୍ଦ୍ର ନାହିଁ କି ପ୍ରାଥମିକ ବିଦ୍ୟାଳୟ ନାହିଁ। ଏହି ଗ୍ରାମର ଲୋକସଂଖ୍ୟା ପ୍ରାୟ ୩୫୦। ଏହି ଗାଁଟି ଶିମିଳିପଦର ପଞ୍ଚାୟତର ମଧ୍ୟଭାଗରେ ଅବସ୍ଥିତ। ଏହି ଗ୍ରାମରେ ଆଗରୁ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଏକ ପ୍ରାଥମିକ ବିଦ୍ୟାଳୟ ଥିଲା; ହେଲେ ଶିକ୍ଷା ବିଭାଗ ନିୟମ ଅନୁସାରେ ୨୫ଜଣ ଛାତ୍ରଛାତ୍ରୀରୁ କମ୍ ଥିବାରୁ ସେମାନଙ୍କୁ ପାଖରେ ଥିବା ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଏଣୁ ଏହି ବିଦ୍ୟାଳୟ ବନ୍ଦ। ଅନ୍ୟପକ୍ଷେ ଏହି ଗାଁରୁ ଅଙ୍ଗନବାଡ଼ି କେନ୍ଦ୍ରର ୨କିଲୋମିଟର ଦୂର। ତୁଳସିକଟା ଅଙ୍ଗନବାଡ଼ି ଓ ଗବଯୋର ସ୍କୁଲକୁ ଏଠାର ପିଲା ଯିବାକୁ ପଡୁଛି। ତେବେ ଗବଯୋର ନିକଟ ତେଲନଦୀ ଉପରେ ସେତୁ ନିର୍ମାଣ ହେଲା ଦିନଠାରୁ ଏହି ରାସ୍ତାରେ ଗାଡ଼ି ମୋଟର ବହୁଳ ଭାବରେ ଯାତାୟତ କରୁଛି। ଏଣୁ ଅଭିଭାବକ ସେମାନଙ୍କୁ ଏହି ରାସ୍ତାରେ ଚାଲି ଚାଲି ପାଠ ପଢ଼ି ଯିବା ପାଇଁ ନିରାପଦ ମନେ କରୁନାହାନ୍ତି।

# ଅନୁତାପ କରୁଛି ତରଭୁଜ ଚାଷୀ

ହରଭଙ୍ଗା, ୨୫।୪(ସମିସ)

ବୌଦ୍ଧ ଜିଲ୍ଲା ଏକ କୃଷି ବହୁଳ ଜିଲ୍ଲା। ଏଠିକାର ଅଧିକାଂଶ ଲୋକ ଚାଷ ଉପରେ ହିଁ ନିର୍ଭର କରନ୍ତି। ଓଡ଼ିଶା ମାନଚିତ୍ରରେ ଦେଖିଲେ ବୌଦ୍ଧ ଜିଲ୍ଲାର ସ୍ଥାନ ମଧ୍ୟ ଭାଗରେ। ଏଠିକାର ଜଳବାୟୁ ତଥା ପରିବେଶ ଅନୁକୂଳ ଥିବାରୁ ବିଭିନ୍ନ ଋତୁରେ ବିଭିନ୍ନ ଫସଲ ହୋଇଥାଏ। ବିଶେଷ କରି ଗ୍ରୀଷ୍ମ ଋତୁରେ ତରଭୁଜ ଚାଷ ପାଇଁ ବେଶ୍ ଖ୍ୟାତି ଅର୍ଜନ କରିଛି ବୌଦ୍ଧ ଜିଲ୍ଲା। ମହାନଦୀ ଉପତ୍ୟକାରେ

- ବେପାରୀ ଓ ଦଲାଲ ମାଲେମାଲ
- ମିଳୁନି ଭଲ ବିହନ, ଔଷଧ
- ଜଳ ସେଚନ, ବଜାର ବ୍ୟବସ୍ଥା ନାହିଁ



ରହୁଥିବା ଓ ମାଟି ଅନୁକୂଳ ଥିବା ହେତୁ ଚାଷୀ ତରଭୁଜ ଚାଷ ଉପରେ ଆଗ୍ରହ ପ୍ରକାଶ କରନ୍ତି। ପୂର୍ବେ ତେତେଲେଙ୍ଗା, ବଢ଼ିଗାଁ ଓ ରାମଗଡ଼ରେ ବହୁଳ ଭାବେ ତରଭୁଜ ଚାଷ ଚାଷ ହେଉଥଲା। ଏ ସବୁ ଜାଗା ତରଭୁଜର ଏନ୍ତୁଳି ଶାଳ। ତରଭୁଜ ଚାଷ କଥା ଉଠଇଲେ ଏହି ଗାଁଗୁଡିକ ଆଲୋଚନାର ପରସରକୁ ଆସିଥାଏ। ଅବଶ୍ୟ ଏବେ ବଢ଼ିଗାଁ ଓ ତେତେଲେଙ୍ଗା ଅଞ୍ଚଳରେ ତରଭୁଜ ଚାଷ କମିଛି। ରାମଗଡ଼, ମଧୁପୁର, ମର୍ଯାଦାପୁର, ପୋଲାମ, ଗୋବିନ୍ଦପୁର, ପଲସପାଟ ଆଦି ଗ୍ରାମରେ କିନ୍ତୁ ପ୍ରଚୁର ମାତ୍ରାରେ ତରଭୁଜ ଚାଷ ହେଉଛି। ଏତେ ମାତ୍ରାରେ ତରଭୁଜ ଅମଳ ହୁଏ ଯେ, ଏଠି ବଜାର ବ୍ୟବସ୍ଥା ନ ଥିବା ହେତୁ ପ୍ରତି ବର୍ଷ ବାହାର ଜିଲ୍ଲାର ବେପାରୀ ଆସି କମ୍ ମୂଲ୍ୟରେ ଚାଷୀଙ୍କଠୁ



କିଣି ନେଇଯାନ୍ତି। ତରଭୁଜ ଚାଷୀଙ୍କ କହିବା ଅନୁଯାୟୀ, ପ୍ରଶାସନ ବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତରଭୁଜ ଚାଷୀଙ୍କୁ ଉନ୍ନତ ମାନର ବିହନ, ଔଷଧ ମିଳୁନି। ଉନ୍ନତ ଚାଷ ପ୍ରଣାଳୀ ଉପରେ ତାଲିମ ଦିଆଯାଉନି। ଜଳ ସେଚନର ସୁବିଧା ମଧ୍ୟ ନାହିଁ। ଏଣୁ ତରଭୁଜ ଚାଷ ଲାଗି ଆଉ ମନ ବଳୁ ନ ଥିବା ଚାଷୀ ଅଭିଯୋଗ କରନ୍ତି। ତରଭୁଜ ଚାଷ ଲାଗି ବୌଦ୍ଧ ଜିଲ୍ଲାର ମାଟି ଅନୁକୂଳ। ପ୍ରଶାସନ ପ୍ରୋତ୍ସାହନ ଯୋଗାଇ ଦେଲେ ଚାଷୀ ଚାଷ କରିବାକୁ ଆଗ୍ରହ ପ୍ରକାଶ କରନ୍ତେ ବୋଲି ଚାଷୀଙ୍କ ଭିତରେ ଦାବି ହେଉଛି। ଅନ୍ୟପଟେ ଚାଷୀ ଧାର କରଜ କରି ଚାଷ କରୁଥିଲେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନେକ କ୍ଷତି ସହିବାକୁ ପଡ଼ିଥାଏ ବୋଲି ଚାଷୀ ଅଭିଯୋଗ କରନ୍ତି।

### ଏମାନେ ଯାହା କହନ୍ତି...



ପୂର୍ବରୁ ବାପା, କାକା ଏହି ଚାଷ କରୁଥିଲେ। ୧୪ ବର୍ଷ ହେଲା ମୁଁ ନିଜେ ବ୍ୟକ୍ତିଗତ ଭାବେ ତରଭୁଜ ଚାଷ କରି ଆସୁଛି। ଏ ବର୍ଷ ୨ ଏକର ଜମିରେ ଚାଷ କରିଛି। ବର୍ଷକୁ ୧ ଲକ୍ଷ ଟଙ୍କାରୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୁଏ। ବଜାର ବ୍ୟବସ୍ଥା ନ ଥିବାରୁ ଦଲାଲଙ୍କୁ କିଲୋ ପ୍ରତି ୪ଟଙ୍କାରୁ ୫ଟଙ୍କା ଦରରେ ବିକ୍ରି କରିବାକୁ ପଡୁଛି।

**ଶିଳ୍ପାରାଣୀ ବେହେରା,**
**ଯୁବ ମହିଳା ଚାଷୀ**



ଏହି ଚାଷ ଆମର ଜୀବିକା। ଏଥିରୁ ହେଉଥିବା ଆୟରେ ପରିବାର ପ୍ରତିପୋଷଣ ହୋଇଥାଏ; କିନ୍ତୁ କୌଣସି ସହାୟତା ମିଳୁନି। ନିଜସ୍ୱ ଅର୍ଥ ଓ ବୁଦ୍ଧି ବଳରେ ନିଜ ଅନୁସାରେ ହିଁ ଚାଷ କରୁଛୁ। ଭଲ ସାର, ବିହନ, ଔଷଧ ଦିଆଯିବା ସହ ଉନ୍ନତ ପ୍ରଣାଳୀରେ ଚାଷ କରିବାକୁ ତାଲିମ ପ୍ରଦାନ କରାଗଲେ ଆହୁରି ଲାଭବାନ ହୋଇପାରନ୍ତୁ।

**ଘନଶ୍ୟାମ ସେଠୀ,**
**ତରଭୁଜ ଚାଷୀ**



ଚଳିତ ବର୍ଷ ହରଭଙ୍ଗା ବ୍ଲକରେ ୩୫୦ ହେକ୍ଟର ଜମିରେ ତରଭୁଜ ଚାଷ ହୋଇଛି। ଚାଷୀଙ୍କ ତରଭୁଜ କ୍ରୟ ପାଇଁଓର୍‌ମାସ୍ ଓ ବିଭାଗ ପକ୍ଷରୁ ମିଳିତ ଭାବେ କୃଷି ବଜାର ଗଠନ କରି ତରଭୁଜ କିଣିବା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନି। ଏହା ଖୁବ ଶୀଘ୍ର କାର୍ଯ୍ୟକାରୀ ହୋଇ ଚାଷୀଙ୍କ ତରଭୁଜ କିଣିବାକୁ ଚେଷ୍ଟା କରୁଛୁ। ତରଭୁଜ ଚାଷ ପାଇଁ କୌଣସି ସ୍ୱତନ୍ତ୍ର ସରକାରୀ ସହାୟତା ନ ଥିବାରୁ ଆମେ ଚାଷୀଙ୍କୁ ସାର, ବିହନ, ଔଷଧ ଯୋଗାଇ ପାରୁନାହିଁ।

**ଜ୍ଞାନରଞ୍ଜନ ଦିଗାଲ,**
**ବ୍ଲକ କୃଷି ଉଦ୍ୟାନ ଅଧିକାରୀ**

### ଜିଲ୍ଲାସ୍ତରୀୟ ବିଶ୍ୱ ମେଲେରିଆ ଦିବସ

# ମେଲେରିଆ ପ୍ରତିହତ ପାଇଁ ମିଳିତ ଉଦ୍ୟମ ଦରକାର

**ବୌଦ୍ଧ, ୨୫।୪ (ସମିସ):** ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତାଲିମ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ବିଶ୍ୱ ମେଲେରିଆ ଦିବସ ପାଳିତ ହୋଇଛି। ମେଲେରିଆ ପ୍ରତିହତ କରିବା ପାଇଁ ବିଭିନ୍ନ ବିଭାଗର ମିଳିତ ଉଦ୍ୟମ ଦରକାର ବୋଲି ଏଥିରେ ମତ ପ୍ରକାଶ ପାଇଛି।

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ଚନ୍ଦ୍ର ପଟ୍ଟନାୟକ, ଯକ୍ଷ୍ମା ବିଭାଗର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ରୁପକ୍ ମହାପାତ୍ର, ଡାକ୍ତର ବିଜୟ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ମେଲେରିଆକୁ ନେଇ ରାଜ୍ୟରେ ଜିଲ୍ଲାର ସ୍ଥିତି ଓ ଜିଲ୍ଲାରେ ଥିବା ମେଲେରିଆ ପ୍ରବଣ ଅଞ୍ଚଳରେ ପ୍ରତିହତ କରିବା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ମେଲେରିଆ ପ୍ରତିହତ କରିବା ପାଇଁ ବିଭିନ୍ନ ବିଭାଗର ମିଳିତ ଉଦ୍ୟମ ଦରକାର ବୋଲି ଡିପିଏଚଓ ଡ. ପ୍ରଧାନ ମତବ୍ୟକ୍ତ କରିଥିଲେ। ଜିଲ୍ଲାରେ ମେଲେରିଆକୁ କିଭଳି ପ୍ରତିରୋଧ କରାଯାଇ ପାରିବ ଓ କେଉଁ କେଉଁ ପ୍ରତିଷେଧକ ବ୍ୟବସ୍ଥା କରିବା ଆବଶ୍ୟକ ସେ ନେଇ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ବିଭାଗ, ସମାଜ ମଙ୍ଗଳ ବିଭାଗ ଓ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।




# କାନ୍ଥରେ ଝଟକୁଛନ୍ତି କୃତୀ ସନ୍ତାନ





- ଭୀମ ଭୋଇ କଳା ପରିଷଦର କାନ୍ଥରେ ପୂଜ୍ୟପୂଜାଙ୍କ ଚିତ୍ର
- ଚିତ୍ରଦେଖି ଜାଣି ହେଉଛି ଅନେକ କଥା

**ସୋନପୁର, ୨୫।୪(ସମିସ):** ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ସରୋଜ ନନ୍ଦ, ନାଟ୍ୟଶ୍ରୀ ସ୍ୱର୍ଗତ ପଞ୍ଚାନନ ମିଶ୍ର କିମ୍ବା ଢୋଲର ବାଦଶାହ ସ୍ୱର୍ଗତ ପୁରନ୍ଦର ବାରିକଙ୍କ ସମ୍ପର୍କରେ କହିଲେ ନୂଆ ପିଢିର ଛୁଆମାନେ ଜାଣିବା କଷ୍ଟକର। ତେବେ ନିଜ ନିଜ କ୍ଷେତ୍ରରେ ଏହି ପୂଜ୍ୟପୂଜାମାନେ ଅଞ୍ଚଳର ଗର୍ବ ବଢ଼ାଇଥିବାରୁ ଏମାନଙ୍କ ବିଷୟରେ ଜାଣିବା ନିହାତି ଆବଶ୍ୟକ। ସଙ୍ଗୀତ, ନାଟକ, କବିତା ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ସୋନପୁର ତଥା ରାଜ୍ୟ ପାଇଁ ଗର୍ବ ସାଉଁଟି ଥିବା ୧୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପୁଣି ଥରେ ମନେ ପକାଇବା ପାଇଁ ପ୍ରଚେଷ୍ଟା କରିଛନ୍ତି ଭୀମ ଭୋଇ କଳାପରିଷଦର ମୁଖ୍ୟ ଉମେଶ କୁମ୍ଭାର।

ଉମେଶ ଜଣେ ପ୍ରସିଦ୍ଧ ଢୋଲ ବାଦ୍ୟକାର ତଥା ସଙ୍ଗୀତ ନିର୍ଦ୍ଦେଶକ ହୋଇ ଥିବାରୁ ସେ ସ୍ଥାନୀୟ କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସର୍ବଦା ଚେଷ୍ଟିତ ଥାନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସମୟରେ ତାଙ୍କୁ ସହରର କିଛି କଳାପ୍ରେମୀ ଦିବଂଗତ ମହା ମନିଷିଙ୍କ ଫଟୋ ମାଗିଥାନ୍ତି। କିଛି ଲୋକଙ୍କ ଫଟୋ ଦେଇ ନ ପାରିବାରୁ ତାଙ୍କୁ ଖୁବ୍ ବ୍ୟଥିତ କରିଥିଲା। ସେ ନିଜ ଅନୁଷ୍ଠାନର କାନ୍ଥରେ ଏହି ମାଟିର କୃତି ସନ୍ତାନଙ୍କ ଫଟୋ ଚିତ୍ର ସ୍ଥାନିତ କରିବା ପାଇଁ ସ୍ଥିର କଲେ। ଖୁବ୍ ପରିଶ୍ରମ କରି ନିଜ ସାଇକଲରେ ଘର ଘର ବୁଲି ୧୨ ଜଣଙ୍କ ଫଟୋ ସଂଗ୍ରହ କରିଛନ୍ତ। ପଟାଭାଡିସ୍ଥିତ ଭୀମଭୋଇ କଳା ପରିଷଦର କାନ୍ଥରେ ଚିତ୍ରକରଙ୍କୁ ଡାକି ୧୨ ଜଣଙ୍କ ଚିତ୍ର ଅଙ୍କାଇଛନ୍ତି। ସନ୍ଥକବି ଭୀମଭୋଇ, ସମ୍ବଲପୁରୀ ସଙ୍ଗୀତର ବାଦଶାହା ଫକୀର ପଟ୍ଟନାୟକ, ପଦ୍ମଶ୍ରୀ ସାଧୁ ମେହେର, ଅଟଳ ପଣ୍ଡା, ଭଜନ ସମ୍ରାଟ ଭିକାରୀ ବଳ, ନାଟ୍ୟ ନିର୍ଦ୍ଦେଶକ ପଞ୍ଚାନନ ମିଶ୍ର, ସରୋଜ ନନ୍ଦ, ବୃନ୍ଦାବନ ନାଏକ, ପୁରୁନ୍ଦର ବାରିକ, କଳା ସଂଗଠକ ଲକ୍ଷ୍ମୀନାରାୟଣ ମେହେର ପ୍ରମୁଖ ଇହଧାମରେ ନ ଥିବା ବ୍ୟକ୍ତି ବିଶେଷଙ୍କ ଚିତ୍ର ଦେଖି ଲୋକେ ଭାବ ପ୍ରବଣ ହୋଇ ଯାଉଛନ୍ତି। ଏହା ସହ କାନ୍ଥରେ ଶୋଭା ପାଉଛି ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଏବଂ ପଦ୍ମଶ୍ରୀ ହଳଧର ନାଗଙ୍କ ଚିତ୍ର। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚିତ୍ର ନିକଟରେ ତାଙ୍କ କୃତି ସମ୍ପର୍କରେ ମଧ୍ୟ ଲେଖା ଯାଇଛି। ଏହି ଫଟୋ ଚିତ୍ରଗୁଡିକ ଦେଖି ଛାତ୍ରଛାତ୍ରୀ ମଧ୍ୟ ତାଙ୍କ ବିଷୟରେ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ନିଜ ଘରର ତଥା ଅନୁଷ୍ଠାନ କାନ୍ଥକୁ ଏଭଳି ସଜାଇଲେ ଆମ ପୂଜ୍ୟପୂଜାଙ୍କୁ ସବୁ ଦିନେ ମନେ ରଖି ପାରିବା ବୋଲି ଉମେଶ କହିଛନ୍ତି।

## ବନ୍ଧପାଲିରେ ରାବଣ ବଧ ସହ ସରିଲା ରାମଲୀଳା ଉତ୍ସବ



**ଶଗଡ଼ା, ୨୫।୪ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବନ୍ଧପାଲି ଗ୍ରାମରେ ୪୪ତମ ଶ୍ରୀରାମ ନବମୀ ପୂଜା ଓ ରାମଲୀଳା ନାଟକ ରାବଣ ବଧ ସହ ଶେଷ ହୋଇଛି। ରାମ ଭୂମିକାରେ ରାଜକିଶୋର ବଗର୍ତି, ସୀତା ଭୂମିକାରେ ସୁରେନ୍ଦ୍ର ଷାଣ୍ଡ, ଲକ୍ଷ୍ମଣ ଭୂମିକକ୍ଷରେ ପ୍ରବୀଣ ପଟେଲ, ରାବଣ ଭୂମିକାରେ ବିଶେଶ୍ୱର ସାହୁ, ବାଳି ଭୂମିକାରେ ଗୌରାଙ୍ଗ ସାହୁ, ସୁଗ୍ରୀବ ଭୂମିକାରେ ସୁଦାମ ସାହୁ ପ୍ରମୁଖ ନିଖୁଣ ଅଭିନୟ କରିଥିଲେ। ପୂଜକ ଭାବରେ ସୁବାସ ରଥ ଓ ରାଜାରାମ ଦାସ କାର୍ଯ୍ୟ ତୁଲାଇ ଥିବା ବେଳେ ଗ୍ରାମର ନରେଶ କହଁର କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ।

# ପୋଖରୀ ଖନନରେ ଦୁର୍ନୀତି

**ହରଭଙ୍ଗା, ୨୫।୪ (ସମିସ):** ହରଭଙ୍ଗା ବ୍ଲକ କାର୍ଯ୍ୟାଳୟଠୁ ମାତ୍ର ୧୦୦ ମିଟର ଦୂରରେ ଥିବା ଇଲକ୍ଟ୍ରି କଲୋନୀର ରାଜସ୍ୱ ପୋଖରୀ ଖନନରେ ଦୁର୍ନୀତି ସାମ୍ନାକୁ ଆସିଛି। ଏହି ପୋଖରୀର ପୁନରୁଦ୍ଧାର ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ୫ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ହୋଇଥିଲା। ଲୋକଙ୍କ ବଦଳରେ ମେସିନ ଦ୍ୱାରା କାର୍ଯ୍ୟ କରାଯିବାରୁ ସେ ସମୟରେ ତୀବ୍ର ପ୍ରତିକ୍ରିୟା ଦେଖା ଯାଇଥିଲା। ଏଣୁ କାମ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଥିଲା। ଏବେ ପୁଣି ସେହି ପୋଖରୀ ଖୋଳି ଠିକାଦାର, ଯନ୍ତ୍ରୀ, ଜନପ୍ରତିନିଧି ସରକାରୀ ଅର୍ଥ ଲୁଟ୍ ପାଇଁ ଚକ୍ରାନ୍ତ ଚଳାଇଛନ୍ତି। ଏଥର ମଧ୍ୟ ଲୋକଙ୍କ ଦ୍ୱାରା କାମ କରାଯାଉନି। ଜେସିବିରେ କାମ ଚାଲିଛି। ଅନ୍ୟପକ୍ଷେ କାମ ସମ୍ପର୍କରେ ସୂଚନା ଫଳକ ନାହିଁ। ଏଣୁ ଏହା କେଉଁ ଅନୁଦାନରେ କାମ ହେଉଛି, କେତେ ଟଙ୍କା ମଞ୍ଜୁର ହୋଇଛି ସେ ନେଇ ସ୍ଥାନୀୟ ଲୋକେ ଜାଣି ପାରୁ ନାହାନ୍ତି। ଏ ନେଇ ହରଭଙ୍ଗା ବିଡ଼ିଓ ଶରତ ସେଠିଙ୍କୁ ପଚାରିବାରୁ ପୋଖରୀ କାମ ହେଉଥିବା ସେ ଜାଣି ନାହାନ୍ତି। ସେ ତଦନ୍ତ କରିବେ ଯଦି କୌଣସି ଅନିୟମିତତା ହେଉଥାଏ ତାହା ହେଲେ ବିଲ୍ କରାଯିବ ନାହିଁ ବୋଲି କହଛନ୍ତି।



- ସୂଚନା ଫଳକ ଲଗାଯାଉନି
- ଲୋକଙ୍କ ବଦଳରେ ମେସିନ କାମ କରୁଛି
- ସରକାରୀ ଅର୍ଥ ଲୁଟ୍ ପାଇଁ ପୁଣି ଚକ୍ରାନ୍ତ

# ସୌରିବେଙ୍ଗସ ଗ୍ରାମରେ ଅଗ୍ନିକାଣ୍ଡ



**ଶଗଡ଼ା, ୨୫।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସୌରିବେଙ୍ଗସ ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଗାଁର କ୍ଷେତ୍ରୀ ବାଘଙ୍କ ଗୋଟିଏ ବଖରା ଘର ଜଳି ଯାଇଛି। ଆସବାବପତ୍ର ଜଳି ଯାଇଛି। ଗୁରୁବାର ଅପରାହ୍ନରେ ପରିବାର ସଦସ୍ୟ ଶୋଇଥିବା ଦିନ ୧ଟା ସମୟରେ ଏହି ଘଟଣା ଘଟିଥିଲା। ଘରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଚିତ୍କାର କରିଥିଲେ। ଖବର ପାଇ କଣ୍ଟାମାଳ ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁ ଲିଭାଇଥିଲେ।

# ସ୍କୁଲ ପିଲାଙ୍କ ହାତରେ ବାଇକ୍, କାର୍

ଜହ୍ନାପଙ୍କ, ୨୫।୪(ସମିସ)

- ଦୁର୍ଘଟଣା ଆଶଙ୍କାରେ ଲୋକେ ଭୟଭୀତ
- ଆକଟ କରିବା ପରିବର୍ତ୍ତେ ଉତ୍ସାହିତ କରୁଛନ୍ତି ବାପା, ମା'
- ସବୁଦିନ ଦେଖୁଥିଲେ ମଧ୍ୟ ଆଖିବୁଜି ଦେଇଛି ଜହ୍ନାପଙ୍କ ପୁଲିସ

ବୌଦ୍ଧ ବ୍ଲକ ଜହ୍ନାପଙ୍କ ଅଞ୍ଚଳରେ ନାବାଳକ ତଥା ସ୍କୁଲ ଝିଅପୁଅଙ୍କୁ ବାଇକ୍ ଓ କାର ଚଳାଇବା ନିଶା ବେଶ୍ ଘାରିଛି। ଏହାଦ୍ୱାରା ଦୁର୍ଘଟଣା ଆଶଙ୍କାରେ ଲୋକେ ଭୟଭୀତ ହେବାରେ ଲାଗିଛନ୍ତି। ୧୪ ବର୍ଷରୁ କମ ପିଲାଙ୍କୁ ସେମାନଙ୍କ ଅଭିଭାବକ ଖୋଲାଖୋଲି ବାଇକ୍ ଓ କାର୍ ଚାବି ଦେବା ଫଳରେ ପିଲା ଆଉ କାହାକୁ ମାନୁନାହାନ୍ତି। ଭିଡ ରାସ୍ତାରେ ମଧ୍ୟ ଦ୍ରୁତଗତିରେ ଗାଡି ଚଳାଇ ଏମାନେ ଏପରି ଯାଉଛନ୍ତି ଯେ, ଟିକିଏ ଅସାବଧାନ ହେଲେ ଭୟଙ୍କର ଦୁର୍ଘଟଣାର ରୂପ ନେବ।

ସଡକ ନିରାପତ୍ତା ଆଇନ ଅନୁଯାୟୀ ନାବାଳକଙ୍କ ପାଇଁ ବାଇକ୍ ଓ କାର୍ ଚଳାଇବା ମନା ଥିବାବେଳେ ଏହି କଟକଣାକୁ କିନ୍ତୁ କେହି ମାନିବାକୁ ରାଜି ନାହାନ୍ତି। ଏପରିକି ଅଭିଭାବକମାନେ ସେମାନଙ୍କ ନାବାଳକ ପିଲାଙ୍କ ପାଇଁ ବାଇକ, ସ୍କୁଟି ଚାବି ଦେଇ ଭିଡ ରାସ୍ତାରେ ଚଳାଇବାକୁ ପ୍ରୋତ୍ସାହିତ କରୁଛନ୍ତି। ଏମିତିକି ସ୍କୁଲରୁ ଫେରିବା ପରେ ଝିଅପୁଅମାନେ ସ୍କୁଟି ଓ ବାଇକ୍ ଧରି ଭିଡ ରାସ୍ତାରେ ଏକ ପ୍ରକାର ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳୁଛି। ଜହ୍ନାପଙ୍କ ବସ୍ତିଦେଇ ଯାଇଥିବା ଜାତୀୟ ରାଜପଥ ନଂ ୫୭ରେ ସାଧାରଣତଃ ଗାଡି ମୋଟର ଭିଡ଼ ଥିବା ସତ୍ତ୍ୱେ ଏହି ପିଲାମାନେ କିଛି ନ ମାନି ଯେପରି ଭାବେ ବାଇକ୍, ସ୍କୁଟି ଚଳାଇଥାନ୍ତି ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ। ଏହି ଘଟଣା ନିକଟସ୍ଥ ବ୍ୟବସାୟିକ ବସ୍ତି ନାରାୟଣନଗରଠାରୁ ବେଶୀ। ଧନୀ ବ୍ୟବସାୟୀମାନେ ସେମାନଙ୍କ ସ୍କୁଲ ଓ କଲେଜ ପଢ଼ୁଆ ପୁଅ ଝିଅଙ୍କ ପାଇଁ ବାଇକ ଓ ସ୍କୁଟି ଦେଇ ନିଜ ପାରିବା ପଣିଆ ଦେଖାଇ ହେଉଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ଏହି ନାବାଳକଙ୍କ ବିପଦପୂର୍ଣ୍ଣ ବାଇକ ଚାଳନା ଦେଖିଲେ ଯେ କେହିବି ଭୟଭୀତ ହେବା ସ୍ୱାଭାବିକ। ନାବାଳକ ନାବାଳିକା ଗ୍ରାମାଞ୍ଚଳରୁ ବାହାରି ଜହ୍ନାପଙ୍କ ଦେଇ ସାଲୁଙ୍କି ନଦୀ ପର୍ଯ୍ୟନ୍ତ ଏବଂ ତେଲିବନ୍ଧ ଦେଇ ସାହାଜପାଲ ପର୍ଯ୍ୟନ୍ତ ଦ୍ରୁତ ଗତିରେ ଯାଇ ମଜା କରୁଥିବା ଦୃଶ୍ୟ ପଥଚାରୀଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି। ସେହିପରି ନାବାଳକମାନେ ୬୦ରୁ ୮୦ ସ୍ପିଡ୍‌ରେ ବସ୍ତି ମଧ୍ୟରେ ବାଇକ୍ ଚଳାଇବା ଏକ ସାଧାରଣ ଘଟଣା ହେଲାଣି। କଥା କେବଳ ସେତିକିରେ ଅଟକି ନାହିଁ। ଧନୀ ବାପା, ମାଆଙ୍କ ନାବାଳକ ଝିଅପୁଅ ସେମାନଙ୍କ ଘରେ ଥିବା ସୌଖୀନ କାର୍ ମଧ୍ୟ ଚଳାଇବା ଆରମ୍ଭ କଲେଣି। ବାଇକ, ସ୍କୁଟର ଏବଂ କାର୍ ଚଳାଇବାରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବା ଏହି ନାବାଳକମାନେ ଗାଡିଚାଳନାର କୌଣସି ନିୟମକାନୁନ ଜାଣି ନ ଥିବା ବେଳେ ସେମାନଙ୍କ ଏହି ବେପାରୁଆ ଗାଡିଚାଳନା କେତେ ଭୟଙ୍କର ଦୁର୍ଘଟଣା ଘଟାଇପାରେ ତାହା ମଧ୍ୟ ସେମାନେ ଜାଣିନାହାନ୍ତି। ତେବେ ସବୁଠୁ ଦୁଃଖର କଥା ହେଲା ଏହି ପିଲାଙ୍କୁ ବାଇକ, କାର ଚଳାଇବାକୁ ସେମାନଙ୍କ ଅଭିଭାବକମାନେ ଆକଟ କରିବା ପରିବର୍ତ୍ତେ ବରଂ ଖୋଲାଖୋଲି ପ୍ରୋତ୍ସାହିତ କରୁଛନ୍ତି। ନାବାଳକଙ୍କ ଦ୍ୱାରା ଏହି ବେପରୁଆ ଗାଡିଗଳନା ଯୋଗୁ ଏହି ୨ ମାସ ମଧ୍ୟରେ ଅନେକ ଦୁର୍ଘଟଣା ଘଟିଲାଣି। ତେବେ ନାବାଳକଙ୍କ ଏହି ବେପରୁଆ ଗାଡି ଚାଳନାକୁ ରୋକିବାକୁ ଏବଂ ସେମାନଙ୍କ ଅଭିଭାବକଙ୍କୁ ସମ୍ପର୍କରେ ସଚେତନ କରିବାକୁ ଜହ୍ନାପଙ୍କ ପୁଲିସ ପାଖରେ ଅଞ୍ଚଳର କେତେଜଣ ସଚେତନ ଯୁବକ ଏବଂ ଗଣମାଧମ ପ୍ରତିନିଧି ଅଭିଯୋଗ କରିଥିଲେ। ଅଭିଯୋଗ କରାଯିବା ପରେ ଜହ୍ନାପଙ୍କ ତତ୍କାଳୀନ ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ମିଶ୍ର ଘଟଣାର ଗମ୍ଭୀରତା ବୁଝି ଏମିତି କୌଣସି ପିଲା ଗାଡି ଚଳାଉଥିବା ଦେଖିଲେ ତାଙ୍କୁ ସେଇଠି ଅଟକ ରଖି ପୁଲିସକୁ ଖବର ଦେବାକୁ କହିଥିଲେ। ଏପରି ପିଲାମାନଙ୍କୁ ଧରି ଆବଶ୍ୟକ ସ୍ଥଳେ ଗାଡିକୁ ଜବତ କରି ଜରିମାନା କାଟିବାକୁ ପୁଲିସ ପଦକ୍ଷେପ ନେବ ବୋଲି ସେ କହିଥିଲେ। ଏବେ କିନ୍ତୁ ସବୁଦିନ ଏହା ଦେଖୁଥିଲେ ମଧ୍ୟ ପୁଲିସ ଚୁପ୍।

- ହାଇମାଷ୍ଟ ଲାଇଟ୍ ଅଚଳ

# ବୀରମହାରାଜପୁର ମୁଖ୍ୟ ଛକ ଅନ୍ଧାର



**ସୁବଳୟା, ୨୫।୪ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମୁଖ୍ୟ ଛକରେ ଥିବା ହାଇମାଷ୍ଟ ଲାଇଟ ଅଚଳ ହୋଇଯାଇଛି। ଉକ୍ତ ଛକ ଦେଇ ସଦାସର୍ବଦା ବିଭିନ୍ନ ଯାନବାହାନ ଚଳାଚଳ କରିଥାଏ। ଏଠାରେ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଅନେକ ଯାତ୍ରୀ ଦୂର ସ୍ଥାନକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥାନ୍ତି। ବିଶେଷ କରି ସନ୍ଧ୍ୟା ସମୟରେ ଛାତ୍ରଛାତ୍ରୀ ତଥା ଜନସାଧାରଣ ଅନ୍ଧାର ଯୋଗୁଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଛକ ଦେଇ ଅନେକ ସମୟରେ ବିଭାଗ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଯାଉଥିଲେ ମଧ୍ୟ ଏଥି ପ୍ରତି କାହାର ଦୃଷ୍ଟି ପଡୁନଥିବା ମନେ ହେଉଛି।

# ମଦ କାରବାରରେ ଜଣେ ଗିରଫ

**ଶଗଡ଼ା, ୨୫।୪ (ସମିସ):** କଣ୍ଟାମାଳ ଅବକାରୀ ବିଭାଗ ଘଣ୍ଟାପଡ଼ା ଥାନା ଘଣ୍ଟାପଡ଼ା ଗ୍ରାମ ରାସ୍ତା ନିକଟରେ ଚଢଉ କରି ମଦ କାରବାରରେ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଦିଲ୍ଲୀପ ମିଶ୍ର (୪୯)। ଏ ସଂକ୍ରାନ୍ତରେ କଣ୍ଟାମାଳ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ କରାଯାଇ ଥିବା ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲିକ ସୂଚନା ଦେଇଛନ୍ତି।

